ଧରିତ୍ରୀ
DHARITRI

March 3-9, 2019 ₹2/-

# ଛୁଟିଦିନ



# ନାରୀ ସେ ସମର୍ଥା

ଯେତେବେଳେ ଦୋହଲି ଯାଇଛି ପରିବାରର ଆର୍ଥିକ ସ୍ଥିତି; ସେତେବେଳେ ଏମାନେ ସାମ୍ନାରେ ଛିଡ଼ା ହୋଇଛନ୍ତି ଆଉ ନିଜ ପରିବାରର ସ୍ଥିତି ସୁଧାରିବା ସହିତ ତାଙ୍କପରି କିଛି ଆର୍ଥିକ ଦୁର୍ବଳ ପରିବାରର ସ୍ଥିତି ସୁଧାରିବାର ଦାୟିତ୍ୱ ବି ନେଇଛନ୍ତି...

୩ ପ୍ରଚ୍ଛଦ ପ୍ରସଙ୍ଗ





୮/୯ ସିନେମା

୧୩ ସହରଠୁ ଦୂର

# ପ୍ରଥମ ଥର ପାଇଁ..

ପ୍ରଥମ ଥର ପାଇଁ କୌଣସି ସ୍ଥାନକୁ ଭ୍ରମଣ କରିବା ଅବା କୌଣସି କାର୍ଯ୍ୟ ଆରମ୍ଭ କରିବା ସମୟରେ, ଆମକୁ ବିଶେଷ ସାବଧାନତା ଅବଲମ୍ବନ କରିବାକୁ ହୋଇଥାଏ। କାରଣ ଆମେ ସେହି ସ୍ଥାନ ବା କାର୍ଯ୍ୟ ବିଷୟରେ ଅଜଣା ଥାଉ । ଏହି ସ୍ଥଳରେ କେଉଁ ସବୁ ଦିଗ ପ୍ରତି ସଚେତନ ହେବା ଜରୁରୀ ସେ ସମ୍ପର୍କରେ....



✲ କୌଣସି ନୂଆ ସ୍ଥାନକୁ ଘର ସିଫ୍ଟ କରୁଥିଲେ ସେହି ସ୍ଥାନର ଅବସ୍ଥିତି ତଥା ପାଖ ପଡ଼ୋଶୀଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବା ଜରୁରୀ। ଉକ୍ତ ସ୍ଥାନ ନିକଟରେ ଅବସ୍ଥିତ ଥିବା ମାର୍କେଟ, ହସ୍ପିଟାଲ, ବ୍ୟାଙ୍କ, ପୋଲିସ୍ ଷ୍ଟେଶନ ଆଦି ସ୍ଥାନ ବିଷୟରେ ଅବଗତ ହୁଅନ୍ତୁ।

✲ ପ୍ରଥମ ଥର ଲାଗି ଘରେ ନୂଆ ଚାକର ରଖୁଥିଲେ ତାଙ୍କ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରନ୍ତୁ।

✲ କୌଣସି ବ୍ୟୁଟି ପାର୍ଲରକୁ ପ୍ରଥମ ଥର ଲାଗି ଯାଉଥିଲେ ସେଠାକାର ପରିବେଶ, ସ୍ୱଚ୍ଛତା ତଥା ସେଠାରେ ନିଯୋଗ ଥିବା ବିୟୁଟି ଏକ୍ସପର୍ଟଙ୍କ ସମ୍ପର୍କରେ ଅବଗତ ହୁଅନ୍ତୁ।

✲ କୌଣସି ବୁଟିକ୍‌କୁ ପ୍ରଥମଥର ଲାଗି ଡ୍ରେସ ସିଲେଇ କରିବାକୁ ଦେଉଥାନ୍ତି ତେବେ ଏକା ସଙ୍ଗେ ଅନେକ କପଡ଼ା ନ ଦେଇ ପ୍ରଥମେ ଗୋଟିଏ ହିଁ ସିଲେଇ ପାଇଁ ଦିଅନ୍ତୁ।

✲ ପିଲାଙ୍କୁ ନୂଆ କରି ସ୍କୁଲରେ ଆଡ୍‌ମିଶନ କରିଲା ବେଳେ ସ୍କୁଲର ପରିବେଶ ତଥା ଛାତ୍ରୀଛାତ୍ରଙ୍କ ଉତ୍ତୀର୍ଣ୍ଣ ହାର ବିଷୟରେ ମଧ୍ୟ ଅବଗତ ହେବା ଜରୁରୀ।



## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୩-୯ , ୨୦୧୯

**ମେଷ** – ଆରୋଗ୍ୟ ଲାଭ, ଆର୍ଥିକ ଉନ୍ନତି, ବିବାଦର ସମାଧାନ, ସଭାସମିତିରେ ସଫଳତା। ଶତ୍ରୁତାର ଅବସାନ ଘଟିବ, ଦୂରଯାତ୍ରା କରିପାରନ୍ତି, ଲେଖାପଢ଼ାରେ ତ୍ରୁଟି, କଚେରି ମାମଲାରେ ବିଜୟ, ଯାତ୍ରା ସ୍ଥଗିତ ରହିବ।

**ବୃଷ** – ନୂତନ ସମ୍ପର୍କ ସୃଷ୍ଟି, ସ୍ୱାସ୍ଥ୍ୟହାନି, ବନ୍ଧୁ ବିରୋଧ, ପାରିବାରିକ ସଦ୍‌ଭାବ, ଭୁଲ କାମ କରିପାରନ୍ତି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ସାମାଜିକ ସମ୍ମାନ ଲାଭ, ପାରିବାରିକ ବିଶୃଙ୍ଖଳା, ସମସ୍ୟାର ସମାଧାନ।

**ମିଥୁନ** – ଭୁଲ୍ ବୁଝାମଣାରୁ କଳହ, ସନ୍ତାନଙ୍କ ଗୌରବ, ସ୍ୱାସ୍ଥ୍ୟ ସଚେତନତା, ସରକାରୀ ସ୍ତରରୁ ଲାଭ, ଆନୁଷ୍ଠାନିକ ନିଷ୍ପତ୍ତି ନେବେ, ବନ୍ଧୁ ପ୍ରସ୍ତାବ ଆସିବ, ଉନ୍ନୟନ କାମରେ ବାଧା, ଆଲୋଚନା ଅସମାପ୍ତ ରହିବ, ଯାତ୍ରାରେ ଲକ୍ଷ୍ୟ ପୂରଣ।

**କର୍କଟ** – ମନ ଭାରାକ୍ରାନ୍ତ ରହିବ, ବନ୍ଧୁଟି ସ୍ୱାର୍ଥବାଦୀ ହେବ, ଦ୍ରବ୍ୟନଷ୍ଟରୁ କ୍ଷୋଭ, ରଚନାତ୍ମକ କାମରୁ ପ୍ରଶଂସା, ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭ, ଇଚ୍ଛା ବିରୋଧରେ କାମ, ଅବହେଳାରୁ କୈଫିୟତ, ବିଚାର ବିପକ୍ଷରେ ଯିବ।

**ସିଂହ** – ସହକର୍ମୀ ସହ ତିକ୍ତତା, ଖବରଟି ପାଇବେ, ଅତିଥିଚର୍ଚ୍ଚାରୁ ଆନନ୍ଦ, ପ୍ରତିଯୋଗିତାରେ ସଫଳତା, କଳହରୁ ସମ୍ପର୍କହାନି, ଭ୍ରମଣ ହେତୁକ ଅବସାଦ, ପାରିବାରିକ ଅଶାନ୍ତି, ରୋଗପୀଡ଼ାରେ ଆକ୍ରାନ୍ତ, ଅର୍ଥସଂକଟ।

**କନ୍ୟା** – ବନ୍ଧୁ ଭୁଲ୍ ବୁଝିବେ, କାମ ପୂର୍ଣ୍ଣାଙ୍ଗ ହେବ, ବ୍ୟୟ ବୃଦ୍ଧି ଘଟିପାରେ, ନୂତନ କର୍ମାରମ୍ଭ, ସମସ୍ୟାବହୁଳ ଘଟଣା, ବୟସ୍କଙ୍କ ସହ ଉଚ୍ଚବାଚ, ବ୍ୟବସାୟରେ କ୍ଷତି, ସଙ୍ଗୀତ, ସାମ୍ବାଦିକତାରୁ ପ୍ରଶଂସା, ସମସ୍ୟା ସମାଧାନ, ଯାତ୍ରାରେ ଦ୍ୱନ୍ଦ୍ୱ।

**ତୁଳା** – ମାନସିକ ଉତ୍ତେଜନା, ସ୍ୱଜନ ଶତ୍ରୁତା, ବନ୍ଧୁ ମିଳନ, ଉପରିସ୍ଥଙ୍କ ଅନୁରକ୍ତି, ଆଶାନୁରୂପ ଫଳ। ପଡୋଶୀଙ୍କ ଅପପ୍ରଚାର, ମତପାର୍ଥକ୍ୟରୁ ଅଶାନ୍ତି, ରୋଗପୀଡ଼ାରୁ ମନସ୍ତାପ, ମାମଲା ଫଇସଲା ହେବ, ସାମାଜିକ ସମ୍ମାନ।

**ବିଛା** – ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସହଯୋଗ, ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମରୁ କୈଫିୟତ୍, ସ୍ତ୍ରୀଙ୍କ ପ୍ରେରଣା, ଖୁସୀ ଖବର ପାଇବେ, ସହମତିରୁ କାର୍ଯ୍ୟସିଦ୍ଧି, ଲୋକ ସମ୍ପର୍କ ବୃଦ୍ଧି, ନୂତନ ମିତ୍ରତା, ପରୀକ୍ଷାରେ ସଫଳତା, ଫଳପ୍ରଦ ଯାତ୍ରା।

**ଧନୁ** – ଶୁଭଖବର ପ୍ରାପ୍ତି, ବ୍ୟୟବହୁଳ ଯାତ୍ରା, ମାନସିକ ଅସ୍ଥିରତା, ପଡ଼ୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ବୁଝାମଣାରେ ତିକ୍ତତା, ଆନୁଷ୍ଠାନିକ କାର୍ଯ୍ୟରୁ ପ୍ରଶଂସା, ମାଙ୍ଗଳିକ କାର୍ଯ୍ୟ।

**ମକର** – ଆଶା ପୂରଣ ହେବ, ବସ୍ତ୍ରଭୂଷଣ ଲାଭ, ବନ୍ଧୁଙ୍କ ବଦାନ୍ୟତା, ମିତ୍ରତା ଯୋଡ଼ିବେ, ପାରିବାରିକ ତାଗିଦା, ପରୋପକାରରୁ ପ୍ରଶଂସା, ଅର୍ଥ ସାହାଯ୍ୟ ପ୍ରାପ୍ତି, ଦୂରଯାତ୍ରାର ମସୁଧା। ନୂତନ ଯୋଜନା, ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**କୁମ୍ଭ** – ବିଶ୍ୱାସରୁ ହଇରାଣ, ପ୍ରତିକ୍ରିୟାରୁ କଳହ, ଧନହାନିରୁ କ୍ଷୋଭ, ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟ, ଭୁଲ୍ ଖବରରୁ ବ୍ୟସ୍ତତା, ଭ୍ରମଣ ହେତୁକ କ୍ଳାନ୍ତି, ଖର୍ଚ୍ଚଭାର ବୃଦ୍ଧି, କର୍ମକ୍ଷେତ୍ରରୁ ସମ୍ମାନ, ରାଜନୈତିକ ପୃଷ୍ଠପୋଷକତା, ସମ୍ପର୍କରେ ଫାଟ, ଆମଦାନୀ କାରବାରରୁ ଲାଭ।

**ମୀନ** – ଏକାଧିକ କାମ, ମାନସିକ ବ୍ୟସ୍ତତା, ଯାତ୍ରାରେ ସଫଳତା, ସରକାରୀ ସ୍ତରରୁ ଲାଭ, ଧନହାନିରୁ ଅନୁତାପ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ସମ୍ପର୍କ ଯୋଡ଼ିବେ, ଉପରିସ୍ଥଙ୍କ ଚାପ, ବ୍ୟବସାୟିକ ଉନ୍ନତି, ବିଦେଶଯାତ୍ରାର ସୁଯୋଗ, ତୀର୍ଥାଟନ କରିବେ।

# ଅଣ୍ଡର ୱାଟର ଭିଲ୍ଲା

ପର୍ଯ୍ୟଟକଙ୍କ ଭୂସ୍ୱର୍ଗ ବୋଲାଉଥିବା ମାଳଦ୍ୱୀପ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ନିକଟରେ ଏଠାରେ ଥିବା ରଙ୍ଗାଲି ଟାପୁରେ ସ୍ଥାପନ କରାଯାଇଛି ପୃଥିବୀର ସର୍ବପ୍ରଥମ ଅଣ୍ଡର ୱାଟର ଭିଲ୍ଲା। ଏହି ଭିଲ୍ଲାରେ ରହଣି ସମୟରେ ପର୍ଯ୍ୟଟକମାନେ ସମୁଦ୍ର ଭିତରର ସୁନ୍ଦର ଦୃଶ୍ୟକୁ ଉପଭୋଗ କରିବା ସହ ସାମୁଦ୍ରିକ ଜୀବଙ୍କୁ ଅତି ନିକଟରୁ ଦେଖିବାର ମଧ୍ୟ ସୁଯୋଗ ପାଇପାରିବେ। ସମ୍ପୂର୍ଣ୍ଣ କାଚରେ ନିର୍ମିତ ଏହି ଅଣ୍ଡର ୱାଟର ଭିଲ୍ଲାରେ ବେଡରୁମ୍, ବାଥରୁମ୍ ସମେତ ଡାଇନିଙ୍ଗ ଏବଂ ଡ୍ରଇଙ୍ଗ୍‌ରୁମ୍ ମଧ୍ୟ ରହିଛି। ଏଠାରେ ରାତ୍ରୀ ଯାପନ କରିବା ଲାଗି ପର୍ଯ୍ୟଟକଙ୍କୁ ଗୋଟିଏ ରାତି ପାଇଁ ପାଖାପାଖି ୪୦ ଲକ୍ଷ ଟଙ୍କା ଦେବାକୁ ପଡ଼ିଥାଏ।



# ପାଠକୀୟ

■ଏସବୁ ଏମିତି ଦୋକାନ, ଯେଉଁଠି ଜିନିଷ ଥାଏ। ମୂଲ୍ୟର ଏକ ତାଲିକା ବି ରହିଥାଏ। ହେଲେ ତାକୁ ବିକିବାକୁ ନ ଥାଆନ୍ତି ଦୋକାନୀ। ପାଖରେ ରଖାଯାଇଥାଏ ଟଙ୍କା ବାକ୍ସଟିଏ। ଗ୍ରାହକ ଏଠାକୁ ଆସନ୍ତି, ଜିନିଷ ଦେଖନ୍ତି। ପସନ୍ଦର ଜିନିଷ ନେଇ ଲିଖିତ ମୂଲ୍ୟ ଅନୁସାରେ ଟଙ୍କା ବାକ୍ସରେ ଗଳାଇ ଚାଲି ଯାଆନ୍ତି। ସେମିତି କେତୋଟି ଦୋକାନୀ ନଥିବା ଦୋକାନକୁ ନେଇ ପ୍ରସ୍ତୁତ କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟିର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। 'ଶୁଭଫଳ ପାଇଁ ଆକ୍ୱାରିୟମ' ପାଠଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

***–ଅଭୟ ସେନାପତି, ତିରଣ୍ଡ, ଜଗତ୍‌ସିଂହପୁର***

■ପ୍ରଚ୍ଛଦ ପ୍ରସଙ୍ଗ 'ଦୋକାନୀ ନ ଥିବା ଦୋକାନ'ଟି ଏକ ପ୍ରେରଣାଦାୟୀ ତଥା ସମୟୋପଯୋଗୀ ଆଲେଖ୍ୟ ଥିଲା। 'ବ୍ରାଇଡାଲ୍ ଫୁଟ୍‌ୱେର୍' ପାଠଟିରୁ ଫ୍ୟାଶନ ସମ୍ପର୍କରେ ଅନେକ ନୂଆ କଥା ଜାଣିବାକୁ ମିଳିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକ ଆର୍.କେ.ନାରାୟଣଙ୍କ ବ୍ୟକ୍ତିଗତ ଜୀବନୀ ସମ୍ପର୍କରେ ବହୁତ ଅଜଣା ତଥ୍ୟ ଜାଣିହେଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଓ ମାଝିରେ' ନାମକ ଗପଟି ମୋ ମନ କିଣିନେଲା।

***–ରାଶେଶ୍ୱରୀ ମହାପାତ୍ର, ମହତାବ ରୋଡ, ଭୁବନେଶ୍ୱର***

■ସିନେମା ପୃଷ୍ଠାରେ ସ୍ଥାନିତ 'ମାପିଚୁପି ଚାଲିବେ କିଆରା', 'ମିଳିଗଲା ଟାଇଟଲ', 'ଅନୁମାନ ସତ ହେଲା' ଆଦି ପାଠଗୁଡ଼ିକ ଖୁବ୍ ମଜାଦାର୍ ଥିଲା। ପ୍ରଥମ ରୋଜଗାର ସ୍ତମ୍ଭରୁ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ.କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସାଥୀର ଉତ୍ତରଗୁଡ଼ିକ ବେଶ୍ ମଜାଳିଆ ହୋଇପାରୁଛି।

***–ନୀତୀନ ଜେନା, ସୁନାବେଡା***

■'ପିଲାଙ୍କ ଗାନ୍ଧୀ ଅଜା' ପାଠଟିରୁ ଏନ୍.ଦୁର୍ଗା ରାଓ ନାମକ ଜଣେ ନିଆରା ମଣିଷଙ୍କର ଗରିବ ପିଲାମାନଙ୍କ ପ୍ରତି ଥିବା ଭଲ ପାଇବାକୁ ଦେଖି ଖୁସି ଲାଗିଲା। 'ମହାକାଶରେ ହେବ ହୋଟେଲ' ଏକ ଆଶ୍ଚର୍ଯ୍ୟକର ପାଠ ଥିଲା। ମଡେଲ୍ ମିର୍‌ରରେ 'ନିରଜପ୍ରିୟା' ଖୁବ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ଯମଜ ଗାଁ 'ଅଜିକୋଡ୍–ଅଜିଙ୍କଲ' ସମ୍ପର୍କରେ ସହର ପୃଷ୍ଠାରୁ ପଢି ଅନେକ ନୂଆ କଥା ଜାଣିହେଲା।

***–ସାଣ୍ଟୁ, ପିଣ୍ଟୁ, ଲିଙ୍କ୍ ରୋଡ୍, କଟକ***

■ଏଥରର ଛୁଟିଦିନର ସମସ୍ତ ପୃଷ୍ଠା ଖୁବ୍ ସୁନ୍ଦର ହୋଇଥିଲା। ଖାସ୍ କରି ଏହାର ସିନେମା ଓ ସୃଜନ ପୃଷ୍ଠାଟି ମୋତେ ବହୁତ ଭଲ ଲାଗେ। ହାଃ ହାଃ ବି ଭାରି ମଜାଳିଆ ହେଉଛି।

***–ବର୍ଷାରାଣୀ ମହାନ୍ତି, ସାତପଡା, ପୁରୀ***



## ବିଶେଷ ଚିଠି

ଯେତେ ପତ୍ରିକା ମୁଁ ପଢ଼ିଲେ ବି ଜମା
ବୁଝେ ନାହିଁ ମୋର ମନ,
କୌଣସି କାମରେ ମନ ଲାଗେ ନାହିଁ
ନ ପଢ଼ିଲେ ଛୁଟିଦିନ।
ଆପଣ ପଢ଼ନ୍ତୁ ଅନ୍ୟକୁ ପଢ଼ାନ୍ତୁ
ବଢ଼ିଆ ପତ୍ରିକା ଏଇ
ଥରୁଟିଏ ଯିଏ ପଢ଼ିଅଛି ସିଏ
କଦାପି ଭୁଲିବ ନାହିଁ।
ସମସ୍ତ ବର୍ଗର ପାଠକଙ୍କ ପାଇଁ
ଆଣେ ନାନା ଲେଖାମାନ,
ଧରିତ୍ରୀ ସହିତ ପ୍ରତି ରବିବାରେ
ଆସିଥାଏ ଛୁଟିଦିନ।

***–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ନାରୀ ସେ ସମର୍ଥା

ସାଧାରଣ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରରେ ଏମାନଙ୍କର ଜନ୍ମ। ବାହା ହୋଇ ଶାଶୁଘରକୁ ଯାଇଥିଲେ ସାଧାରଣ ଗୃହିଣୀଟିଏ ହୋଇ ପରିବାର ଚଳାଇବା ପାଇଁ। କିନ୍ତୁ ଯେତେବେଳେ ପରିବାରର ଆର୍ଥିକ ସ୍ଥିତିରେ ସମସ୍ୟା ଆସିଲା, ସେମାନେ ଅଣ୍ଟା ଭିଡ଼ିଲେ। ପରିବାରକୁ ସମ୍ଭାଳିଲେ। ତା' ସହିତ ତାଙ୍କ ପରି ଅନେକ ମହିଳାଙ୍କୁ ନିଜ ସହିତ ସାମିଲ କଲେ। ଆଉ ସେମାନଙ୍କ ଆର୍ଥିକସ୍ଥିତି ସୁଧାରିବାର ଦାୟିତ୍ୱ ବି ନେଲେ।

## ଏବେ ଦେଶ ବାହାରୁ ବି ଆସୁଛି ଅର୍ଡର

ଦୃଢ଼ ଆତ୍ମବିଶ୍ୱାସ ଓ ଇଚ୍ଛାଶକ୍ତି ବଳରେ ଜଣେ ସମସ୍ତ ଦୁଃଖକଷ୍ଟକୁ ଅତିକ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ। ଏହାକୁ କାମରେ କରି ଦେଖାଇଛନ୍ତି ମଞ୍ଜୁ ଅଗ୍ରୱାଲ। ସେ ନିଜେ ଆତ୍ମନିର୍ଭରଶୀଳ ହେବା ସହ ୫୦ରୁ ଅଧିକ ମହିଳା ଓ ଯୁବତୀଙ୍କୁ ସ୍ୱାବଲମ୍ବୀ କରାଇବାରେ ସକ୍ଷମ ହୋଇ ପାରିଛନ୍ତି। ଖୋର୍ଦ୍ଧା ଜିଲା ଜଟଣୀ ଶ୍ରୀହରିବିହାର ଅଞ୍ଚଳରେ ତାଙ୍କ ଘର। ସ୍ୱାମୀ ଓ ଦୁଇପୁଅ ଝିଅଙ୍କୁ ନେଇ ତାଙ୍କ ସଂସାର। ୩୨ ବର୍ଷର ବୈବାହିକ ଜୀବନ ଭିତରେ ସେ ଅନେକ ଉତ୍ଥାନ ପତନ ଦେଇ ଗତି କରି ଆସିଛନ୍ତି। ତେବେ ୨୦୦୦ ମସିହା ଥିଲା ତାଙ୍କ ଜୀବନର ଏକ ସଂଘର୍ଷମୟ ବର୍ଷ। ସ୍ୱାମୀଙ୍କ ବ୍ୟବସାୟ ସେତେ ଭଲ ଚାଲୁନଥାଏ। ଏପରି ପରିସ୍ଥିତି ହୋଇଥିଲା ଯେ ସେ କରିଥିବା ଦୋକାନଟି ଶେଷରେ ବନ୍ଦ ହୋଇ ଯାଇଥିଲା। ଘର ଚଳାଇବା ପାଇଁ ଅର୍ଥର ଦେଖା ଦେଇଥିଲା ଘୋର ଅଭାବ। ଛୋଟ ଛୋଟ ପୁଅ ଝିଅଙ୍କ ସ୍କୁଲ ଫି' ଦେବା କଷ୍ଟକର ହୋଇ ପଡୁଥିଲା। ନିଜେ ବେଶି ପାଠ ପଢ଼ି ନ ଥିଲେ ମଧ୍ୟ ପିଲାଙ୍କୁ ଉଚ୍ଚ ଶିକ୍ଷିତ କରିବା ଲକ୍ଷ୍ୟରେ ନିଜର ପେଟ କାଟି ଯାହା ସୁନାଗହଣା ଥିଲା ତାକୁ ବନ୍ଧା ପକାଇ ସେମାନଙ୍କୁ ପଢ଼ାଇଥିଲେ। ଏ ପରିସ୍ଥିତିରେ କରଜ ମଧ୍ୟ ବଢ଼ି ଚାଲିଥାଏ। କରଜ ଟଙ୍କା ଠିକ୍ ସମୟରେ ଫେରସ୍ତ ଦେଇ ହେଉନଥିବାରୁ ଉଧାର ଦେଇଥିବା ଲୋକଙ୍କଠାରୁ ଗାଳିମନ୍ଦ ମଧ୍ୟ ଶୁଣିବାକୁ ମିଳୁଥାଏ। ଏପରି ଘଡ଼ିସନ୍ଧି ସମୟରେ ଘରେ ବସି କେବଳ ଦୁଃଖ ପ୍ରକାଶ କଲେ ଅସୁବିଧା ଦୂର ହୋଇପାରିବ ନାହିଁ। ଏହା ଚିନ୍ତା କରି କିଛି କରିବାକୁ ସେ ନିଷ୍ପତ୍ତି ନେଇଥିଲେ। ଦୃଢ଼ ସଂକଳ୍ପ ନେଇ ମଞ୍ଜୁ ପଦାକୁ ଗୋଡ଼ କାଢ଼ିଥିଲେ। ଘରର ବଡ଼ବୋହୂ ହୋଇଥିବାରୁ ଶାଶୁଙ୍କର ସମସ୍ତ ପ୍ରତିବନ୍ଧକ ତଥା କଟକଣା ଅବଶ୍ୟ ତାଙ୍କ ପାଇଁ ବିରାଟ ସମସ୍ୟା ସୃଷ୍ଟି କରିଥିଲା। ହେଲେ ଆତ୍ମନିର୍ଭରଶୀଳ ହେବା ପାଇଁ ମନରେ ରହିଥିବା ଝୁଙ୍କ ସମସ୍ତ ପ୍ରତିବନ୍ଧକକୁ ଏଡ଼ାଇ ଦେଇଥିଲା। ବିବାହ ପୂର୍ବରୁ ସେ ଶିଖିଥିବା ସିଲେଇ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ସାହାଯ୍ୟ କରିଥିଲା। ବିବାହ ସମୟରେ ସାଙ୍ଗରେ ଆଣିଥିବା ସିଲେଇ ମେଶିନ୍ ତାଙ୍କ ଆଖିଆଗରେ ନାଚି ଉଠିଥିଲା। ବ୍ୟବହାର ନ ହୋଇ ଦୀର୍ଘଦିନ ହେବ ପଡ଼ି ରହିଥିବା ଏହି ମେଶିନ୍‌କୁ ପୁନଃ ସେ ନିଜର କରି ନେଇଥିଲେ। ହେଲେ ତାଙ୍କ ମନରେ ସଂଶୟ ସୃଷ୍ଟି ହୋଇଥିଲା କିଏ ତାଙ୍କୁ ସିଲେଇ କରିବାକୁ ଦେବ। ଅବଶ୍ୟ ଏହାକୁ ନେଇ ସେ ଚିନ୍ତାରେ ପଡ଼ିଥିଲେ। ମନରେ ସଂକଳ୍ପ ନେଇ ସେ ରହୁଥିବା ଅଂଚଳର ଘର ଘର ବୁଲି ଅର୍ଡର ସଂଗ୍ରହ କରିବାକୁ ବାହାରିଥିଲେ। ପ୍ରଥମେ କେହି ବିଶ୍ୱାସ କରିନଥିଲେ। ବହୁ କଷ୍ଟରେ ପ୍ରଥମେ ୨ ଜଣ ମହିଳା ଅର୍ଡର ଦେଇଥିଲେ।

**ଯେତେବେଳେ ଦୋହଲି ଯାଇଛି ପରିବାରର ଆର୍ଥିକ ସ୍ଥିତି; ସେତେବେଳେ ଏମାନେ ସାମ୍ନାରେ ଛିଡ଼ା ହୋଇଛନ୍ତି। ଆଉ ନିଜ ପରିବାରର ସ୍ଥିତି ସୁଧାରିବା ସହିତ ତାଙ୍କପରି କିଛି ଆର୍ଥିକ ଦୁର୍ବଳ ପରିବାରର ସ୍ଥିତି ସୁଧାରିବାର ଦାୟିତ୍ୱ ବି ନେଇଛନ୍ତି...**

ସେହିଦିନଠାରୁ ଆରମ୍ଭ ହୋଇଥିଲା ତାଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଯାତ୍ରା। ପରିବାର ଲୋକେ ଯେପରି କେହି କିଛି ନ କହିବେ, ସେଥିପାଇଁ ଭୋର୍‌ରୁ ଉଠି ସକାଳ ୬ଟା ଭିତରେ ରୋଷେଇ ଓ ଅନ୍ୟାନ୍ୟ ଘର କାର୍ଯ୍ୟ ସାରି ସିଲେଇ କାର୍ଯ୍ୟରେ ନିମଗ୍ନ ହୋଇ ପଡୁଥିଲେ। ପ୍ରଥମେ ଦିନବେଳା କେହି ଦେଖିଦେବା ସଂକୋଚରେ ମନ୍ଦିର ଯାଉଛି କହି ସଂଧ୍ୟା ସମୟରେ ଅର୍ଡର ଆଣିବାକୁ ଯିବା ସହ ଘର ଘର ବୁଲି ତିଆରି ହୋଇଥିବା ବ୍ଲାଉଜ ଓ ଅନ୍ୟାନ୍ୟ ବସ୍ତ୍ର ସେ ନିଜେ ଗ୍ରାହକଙ୍କୁ ଦେଇ ଆସୁଥିଲେ। ସେ ଭଲ ତିଆରି କରୁଥିବା ପ୍ରଚାର ହୋଇଯିବା ପରେ ଧୀରେ ଧୀରେ ଗ୍ରାହକଙ୍କ ସଂଖ୍ୟା ବଢ଼ି ଚାଲିଲା। ଆରମ୍ଭର ଦେଢ଼ବର୍ଷ ମଧ୍ୟରେ ଏତେ ସଂଖ୍ୟାରେ ଅର୍ଡର ଆସିଲା ଯେ, ଏକାକୀ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇପାରିଲା ନାହିଁ। ଏଣୁ ସେ ଜଟଣୀ ସହର ତଥା ନିକଟବର୍ତ୍ତୀ ଗ୍ରାମର ଯୁବତୀ ଓ ମହିଳାଙ୍କୁ ଆଣି ସିଲେଇ ଶିକ୍ଷା ଦେଲେ। ଏଠାରେ ସିଲେଇ କାର୍ଯ୍ୟ କରି ମହିଳା ଓ ଯୁବତୀମାନେ ମାସିକ ୫ରୁ ୬ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିଲେ। ତାଙ୍କ ନିକଟରେ କାର୍ଯ୍ୟ କରୁଥିବା ୩୦ରୁ ଅଧିକ ଯୁବତୀଙ୍କ ବିବାହ ହୋଇ ସାରିଲାଣି। ଅନେକେ ନିଜେ ସିଲେଇ ମେଶିନ ପକାଇ ରୋଜଗାର କରି ପରିବାରକୁ ସହାୟତା ପ୍ରଦାନ କରିପାରୁଛନ୍ତି। ସେତେବେଳେ ମେଶିନ ନ ଥିବାରୁ ହାତରେ ପିକୋ କରୁଥିଲେ। ୭ ବର୍ଷ ହେବ ପିକୋ ମେଶିନ୍ କିଣିଛନ୍ତି। ବର୍ତ୍ତମାନ ୧୫ ଜଣ ଯୁବତୀ ତାଙ୍କ ନିକଟରେ କାର୍ଯ୍ୟ କରିବା ସହ ରୋଜଗାର ମଧ୍ୟ କରିପାରୁଛନ୍ତି। ବାହାର ଲୋକ ଖରାପ ଭାବିବେ କହି ଯେଉଁ ଶାଶୁ ଏହାକୁ ବିରୋଧ କରୁଥିଲେ, ସେ ବର୍ତ୍ତମାନ ତାଙ୍କୁ ସବୁଠୁ ଭଲ ବୋହୂ ବୋଲି କହୁଛନ୍ତି। ଏପରିକି ଆମେରିକାରେ ରହୁଥିବା ଓଡ଼ିଶାର ଅନେକ ମହିଳା ଓ ଯୁବତୀଙ୍କର ବ୍ଲାଉଜ, ସାୟା, ଡ୍ରେସ୍, ପିକୋ ଓ ଅନ୍ୟାନ୍ୟ ବିଭିନ୍ନ ଡିଜାଇନ୍ କାର୍ଯ୍ୟର ଅର୍ଡର ଆସୁଥିବା ମଞ୍ଜୁ କହିଛନ୍ତି। ଏସବୁ କାର୍ଯ୍ୟରେ ସେ କୌଣସି ସରକାରୀ ଯୋଜନାର ସହାୟତା ନେଇନାହାନ୍ତି। ଏବେ ପୁଅ ବାଙ୍ଗାଲୋରସ୍ଥିତ ୟେସ୍ ବ୍ୟାଙ୍କରେ ଭାଇସ୍ ପ୍ରେସିଡେଣ୍ଟ ଥିବା ବେଳେ ଝିଅ ଏସ୍‌ସିବି ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢୁଛନ୍ତି।





ସଂଯୁକ୍ତା ପାହାନ୍ତସିଂହ

**ନିଜ ପରିବାର ସହ ୨୫ ପରିବାର ଚଳାଇବାର ଖୁସି ଆତ୍ମସନ୍ତୋଷ ଦିଏ:** ଭଦ୍ରକ ପୌରାଞ୍ଚଳ ଅଧୀନ ଅପର୍ତ୍ତିବିନ୍ଧା କୁମ୍ଭାରସାହିର ବୈଜୟନ୍ତୀ ରଣା। ସ୍ୱାମୀ ବିଜୟ କୁମାର ରଣା ଓ ପୁଅ ରାଜାକୁ ନେଇ ତାଙ୍କର ପରିବାର। ସ୍ୱାମୀ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ। ୫୦ ବର୍ଷ ବୟସ୍କା ବୈଜୟନ୍ତୀ ୨୦୦୮ରେ ଏକ ଘରୋଇ ଆଇଟିଆଇରେ ଟେଲରିଂ ଶିକ୍ଷା ଶେଷ କରିଥିଲେ। ଏହାର ଦୁଇ ବର୍ଷ ପରେ ନିଜ ଘରେ ଆରମ୍ଭ କରିଥିଲେ ଏକ ସିଲେଇ କେନ୍ଦ୍ର। ସମୟକ୍ରମେ ଏହି ସିଲେଇକେନ୍ଦ୍ର ଏବେ ଏକ କୁଟୀରଶିଳ୍ପ ପାଲଟି ଯାଇଛି। ବର୍ତ୍ତମାନ ଏହି ସିଲେଇ କେନ୍ଦ୍ରରୁ ମହିଳାଙ୍କଠାରୁ ଆରମ୍ଭ କରି ଛୋଟ ପିଲାଙ୍କ ପୋଷାକ ପ୍ରସ୍ତୁତ ହୋଇ ୩ ଜିଲାକୁ ବିକ୍ରି ପାଇଁ ପଠାଯାଉଛି। ନିଜେ ଆରମ୍ଭ କରିଥିବା ଏହି ସିଲେଇ କେନ୍ଦ୍ରରେ ଦୈନିକ ସେ ୧୦ରୁ ୧୫ ପୋଷାକ ସିଲାଇ କରି ଏକ ଦୋକାନକୁ ଦେଉଥିଲେ। ସେତେବେଳେ କେବଳ ନିଜ ଖର୍ଚ୍ଚ ହିଁ ବାହାରୁଥିଲା। ସେ ସମୟରେ ପରିବାର ଚଳାଇବା ଯଦିଓ କଷ୍ଟ ହେଉନଥିଲା, କିନ୍ତୁ ଆୟବ୍ୟୟ ସମାନ ରହୁଥିଲା। ପରେ ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ଋଣ ବ୍ୟବସ୍ଥା କରାଇବା ସହିତ ନୂଆ ମେଶିନ ଆଣି କର୍ମଚାରୀ ରଖିଲେ। ପ୍ରଥମେ ପ୍ରଥମେ ବହୁତ କଷ୍ଟ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ନିଜସ୍ୱ ଉଦ୍ୟମ ଓ ଇଚ୍ଛାଶକ୍ତି ବଳରେ ତାଙ୍କୁ ବେଶ୍ ସଫଳତା ମିଳିଥିଲା। ଏବେ ୨୦ରୁ ୨୫ ଜଣ ମହିଳା ଓ ପୁରୁଷ ନିୟୋଜିତ ଅଛନ୍ତି। ସେ କେବଳ ନିଜେ ରୋଜଗାର କରୁଛନ୍ତି ତା' ନୁହେଁ, କେତେକ ମହିଳାଙ୍କୁ ରୋଜଗାରକ୍ଷମ କରାଇବାରେ ସକ୍ଷମ ହୋଇଛନ୍ତି। ଏହାବ୍ୟତୀତ ବିଭିନ୍ନ ପ୍ରଦର୍ଶନୀ ଏବଂ ବାଣିଜ୍ୟ ମେଳାରେ ଷ୍ଟଲ୍ ଖୋଲି ନିଜ ବ୍ୟବସାୟକୁ ଆଗକୁ ବଢ଼ାଇଛନ୍ତି। ନିଜସ୍ୱ ଇଚ୍ଛା ଓ ଉଦ୍ୟମ ତାଙ୍କୁ ଏହି ସଫଳତା ଆଣିଥିବା ସେ କହିଛନ୍ତି।

**ସାହାରା ଖୋଜୁଥିବା ଶାନ୍ତିଲତା ଏବେ ଅନ୍ୟ ପାଇଁ ସାହାରା:** ଦୀର୍ଘ ୫୦ ବର୍ଷର ସଂଘର୍ଷ । ଦିନେ ଅନ୍ୟ ପାଖରେ ସାହାରା ଖୋଜୁଥିବା ମଣିଷ ଜଣକ ଏବେ ପାଲଟି ଯାଇଛନ୍ତି ଅନେକ ମହିଳାଙ୍କର ସାହାରା । ବହୁ ସଂଘର୍ଷ କରି ଜୀବନର ପ୍ରତିଟି କ୍ଷଣକୁ ଚିହ୍ନି ପାରିଥିବା ମହିଳା ଜଣକ ହେଲେ ବାଲେଶ୍ୱର ଜିଲା ଖଇରା ବ୍ଲକ ଆଳଦା ଗ୍ରାମର ଶାନ୍ତିଲତା ପୃଷ୍ଟି । ବାପଘର ବଣପାରିଆ ଗ୍ରାମରେ । ତାଙ୍କୁ ଯେତେବେଳେ ୧୦ବର୍ଷ, ସେତେବେଳେ ସିଲେଇ ଶିଖିବା କାର୍ଯ୍ୟ ଆରମ୍ଭ କରିଥିଲେ । ଖଇରା ବଜାରର ଅନ୍ୟତମ ସିଲେଇ ପ୍ରଶିକ୍ଷକ ଭୋଳାନାଥ ମହାପାତ୍ରଙ୍କ ପାଖରୁ ପ୍ରଥମେ ସିଲେଇ ଶିକ୍ଷା ଆରମ୍ଭ କରିଥିଲେ। ପରେ ପରେ ବମ୍ବେରେ ରହୁଥିବା ବଡ଼ଭାଇଙ୍କ ପାଖରେ ରହି ଉନ୍ନତ ଡିଜାଇନ୍‌ର ସିଲେଇ ଶିଖି ଘରକୁ ଫେରିଥିଲେ। ଉଦ୍ଦେଶ୍ୟ ଥିଲା ଏହି ସିଲେଇ ଶିକ୍ଷା ମାଧ୍ୟମରେ ଅଭାବରେ ଚଳୁଥିବା ମା'ବାପାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା । ଖଇରା ବଜାରର ଶିବ ମନ୍ଦିର ନିକଟରେ ଏକ ଛୋଟ ଘରେ ସିଲେଇ ମେଶିନଟିଏ ବସାଇ କିଛି କିଛି ରୋଜଗାର ଆରମ୍ଭ କରିଥିଲେ । ଧୀରେ ଧୀରେ ରୋଜଗାର ବଢ଼ିବା ସାଙ୍ଗକୁ ମା'ବାପାଙ୍କର ପୂରା ଦାୟିତ୍ୱ ବହନ କରିବାକୁ ସକ୍ଷମ ହୋଇ ସାରିଥିଲେ । ସବୁକିଛି ଏକରକମ ଠିକ୍‌ଠାକ ଚାଲୁଥିବା ବେଳେ ୧୯୯୫ ମସିହାର ୨ଟି ବଡ଼ ବିପଦ ତାଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିଲା । ମା' ରୁକ୍ମିଣୀ ଦାସଙ୍କ ମରିବାର ୯ମାସ ନ ପୂରୁଣୁ ବାପା ବଂଶୀଧର ମଧ୍ୟ ଆରପାରିକୁ ଚାଲି ଯାଇଥିଲେ । ଭାଇମାନେ ସେତେବେଳେ ବାହାରେ ରହୁଥିବା ବେଳେ ଗାଁରେ ରହୁଥିବା ଶାନ୍ତିଲତା ଏକୁଟିଆ ରହୁଥିଲେ । ୧୯୯୯ରେ ତାଙ୍କର ବିବାହ ହୋଇଥିଲା । ହେଲେ ଦାମ୍ପତ୍ୟ ଜୀବନର ଖୁସି ବେଶୀଦିନ ରହି ନ ଥିଲା । ସ୍ୱାମୀ ଦ୍ୱିତୀୟ ସଂସାର କରିବା ପରେ ଜୀବନଟା ଯେମିତି ତାଙ୍କର ବିଷ ପାଲଟି ଯାଇଥିଲା । ନିଜର ଛୋଟ ଶିଶୁ କନ୍ୟାଟିକୁ ନେଇ କିଭଳି ଜୀବନ ବିତାଇବେ ତାଙ୍କର ଚିନ୍ତା ବଢ଼ି ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ କିଛି ଋଣ ମିଳିବା ପରେ ଏହାକୁ ନେଇ ରୁଗ୍‌ଣ ଅବସ୍ଥାରେ ଥିବା ସିଲାଇ ଶିକ୍ଷାକେନ୍ଦ୍ରଟିକୁ ଏକ ଭୋକେସ୍‌ନାଲ ଶିକ୍ଷାକେନ୍ଦ୍ର ଭାବେ ପଞ୍ଜୀକରଣ କରି ଘରେ ବସିଥିବା ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରାଇବାକୁ ସକ୍ଷମ ହୋଇଥିଲେ । ପିଲାମାନଙ୍କ ପାଖରୁ ମିଳୁଥିବା ସ୍ୱଳ୍ପ ପାରିଶ୍ରମିକକୁ ନେଇ କଷ୍ଟେମଷ୍ଟେ ନିଜ ଗୋଡରେ ଛିଡା ହେବାକୁ ସମର୍ଥ ହୋଇଥିଲେ । ହେଲେ ଏବେ ନିଜର ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠା ଯୋଗୁଁ ଏ ପର୍ଯ୍ୟନ୍ତ ୩ଶହରୁ ଊର୍ଦ୍ଧ୍ୱ ପିଲାଙ୍କୁ ସେ ରୋଜଗାରକ୍ଷମ କରାଇ ସାରିଲେଣି। ଏ ପର୍ଯ୍ୟନ୍ତ ସରକାରୀ ସ୍ତରରେ ତାଙ୍କୁ କୌଣସି ସହାୟତା ମିଳି ନ ଥିଲେ ହେଁ ଏଥିପାଇଁ କେବେ ମନଦୁଃଖ କରିନାହାନ୍ତି । ଝିଅଟି ବର୍ତ୍ତମାନ ଯୁକ୍ତ ୨ରେ ପଢୁଛି । କୌଣସି ଯୁବତୀ ବା ମହିଳା ବିପଦ ସମୟରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ଦିନେ ନା ଦିନେ ତାଙ୍କ ପାଇଁ ଭଲ ସମୟ ଆସିବ ବୋଲି କୁହନ୍ତି ଶାନ୍ତିଲତା। ଯାହା ସେ ନିଜେ ପ୍ରମାଣ କରି ଦେଖେଇ ଦେଇଛନ୍ତି।



ଶାନ୍ତିଲତା ପୃଷ୍ଟି(ମଝି)

**ପରିଶ୍ରମ ଓ ନିଷ୍ଠା ବଳରେ ସବୁ ସମ୍ଭବ:** ସତ୍ୟଭାମା ସାହୁ, ବୟସ ଚାଳିଶରୁ ପଇଁଚାଳିଶ ଭିତରେ। ପିଲାଦିନୁ ଭିନ୍ନକ୍ଷମ। ତଥାପି ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିଜେ ନିଜ ପରିବାର ଚଳେଇବା ସହ ଶହେରୁ ଊର୍ଦ୍ଧ୍ୱ ପରିବାରଙ୍କ ମୁହଁରେ ହସ ଫୁଟାଇବାରେ ସକ୍ଷମ ହୋଇଛନ୍ତି। ରାଜନଗର ବ୍ଲକ ବାଲିସାହି ପାଟଣା ପଞ୍ଚାୟତ ଚମ୍ପାଦିଆ ଗ୍ରାମରେ ତାଙ୍କର ଘର। ବାପା ଦୁଃଶାସନ ସାହୁ ଓ ମା' ମନୋରମା ସାହୁଙ୍କର ସେ ହେଉଛନ୍ତି ଦ୍ୱିତୀୟ ସନ୍ତାନ।

୧୬ ବର୍ଷ ବୟସରେ ତାଙ୍କର ବାହାଘର ରମେଶ ଚନ୍ଦ୍ର ସାହୁଙ୍କ ସହିତ ହୋଇଥିଲା, ଯିଏକି ଦିଲ୍ଲୀରେ ପାଇପ୍ ମିସ୍ତ୍ରି ଭାବରେ କାମ କରନ୍ତି। ତିନିଝିଅ ଓ ଗୋଟିଏ ପୁଅକୁ ନେଇ ତାଙ୍କ ସଂସାର। ପିଲାମାନେ ଛୋଟ ଛୋଟ ହୋଇଥା'ନ୍ତି ସ୍ୱାମୀଙ୍କର ଦେହ ଖରାପ ହେଲା, ଯେଉଁଥିରେ ସବୁ ପଇସା ଖର୍ଚ୍ଚ ହୋଇଗଲା। ବଡଝିଅ ସେତେବେଳେ ମାଟ୍ରିକ୍ ପଢୁଥାଏ। ପରିବାର ଚଳେଇବା ପାଇଁ ସତ୍ୟଭାମା ଦିଲ୍ଲୀରୁ ଗାଁକୁ ଆସିଲେ। ଅଙ୍ଗନୱାଡିରେ ରହିବା ପାଇଁ ବହୁତ ଚେଷ୍ଟା କରିଥିଲେ ବି ସେଥିରେ ସଫଳ ହେଲେ ନାହିଁ। ଥରେ ଜଣେ ରୋଗୀଙ୍କୁ ନେଇ ସେ କଟକ ଯାଇଥିଲେ। ସେହିଠାରେ ସେହି ରୋଗୀଙ୍କ ସମ୍ପର୍କୀୟଙ୍କ ସହ କଥା ହେବା ଭିତରେ ସେ ନିଜର ଆର୍ଥିକ ସମସ୍ୟା ବିଷୟରେ କହିଲେ। ସେ ବ୍ୟକ୍ତି ତାଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପର୍କରେ କହିଲେ। ପ୍ରଥମେ ସତ୍ୟଭାମା ଆଉ ୧୪ଜଣଙ୍କୁ ଏକାଠି କରି ୩୦ ହଜାର ଟଙ୍କା ଋଣ ଆଣିଲେ। ତା'ପରେ ୱାର୍ଡରେ ଓ ପରେ ପଞ୍ଚାୟତରେ ୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ତାଙ୍କ ଚେଷ୍ଟାରେ ଗଢ଼ା ହୋଇଛି। ଏହି ସ୍ୱୟଂ ସହାୟକ ଗୋଷ୍ଠୀ ମୁଗଡାଲି ଓ ବଡ଼ି ତିଆରି କରୁଥିଲେ। ଏହାପରେ ଛତୁଚାଷ ଲାଗି ୪୦ ଜଣ ମହିଳା ଟ୍ରେନିଂ ନେଲେ । ସ୍ୱୟଂ ସହାୟକ ଗୋଷ୍ଠୀରେ କାମ କରିବା ବ୍ୟତୀତ ସତ୍ୟଭାମା ଘରେ ଖାଲି ସମୟରେ କାଇଁଚରେ ଡାଲା ଆସନ ଆଦି ଜିନିଷ କରିବା ସହିତ ସିନ୍ଥେଟିକ୍ ଶାଢ଼ିରେ ପାପୋଛ ଆଦି କରି ଷ୍ଟଲଗୁଡ଼ିକରେ ବିକ୍ରି କରନ୍ତି। ଏବେ ସତ୍ୟଭାମା ତିନି ଝିଅଙ୍କ ବାହାଘର କରି ଦେଇଛନ୍ତି ଓ ପୁଅ ବାଙ୍ଗାଲୋରରେ ପଢୁଛି। ସ୍ୱାମୀଙ୍କ ଦେହ ଖରାପ ହେଲା ପରେ ପାଇପ୍‌ମିସ୍ତ୍ରି କାମ ଛାଡି ଦିଲ୍ଲୀରେ ଛୋଟ ମୋଟ କାମ କରି ସେଠାରେ ରହୁଛନ୍ତି। ଘରର ସମ୍ପୂର୍ଣ୍ଣ ଦାୟିତ୍ୱ ସତ୍ୟଭାମାଙ୍କର। ତେବେ ପରିଶ୍ରମ ଓ ନିଷ୍ଠା ବଳରେ ଯେ ସବୁକିଛି ସମ୍ଭବ, ତାହା ସମ୍ଭବ କରି ଦେଖାଇଛନ୍ତି ଭିନ୍ନକ୍ଷମ ସତ୍ୟଭାମା।

**ଅନେକଙ୍କ ପ୍ରେରଣା ସଂଯୁକ୍ତା:** ପିଲାଟି ଦିନୁ ଅନ୍ୟର ସେବା କରିବାରେ ରୁଚି ରହିଥିବା ସଂଯୁକ୍ତା ପାହାନ୍ତାସିଂହଙ୍କର ମାଟ୍ରିକ ପାସ ପରେ ବାହାଘର ହୋଇ ଯାଇଥିଲା। ସମାଜସେବାରେ ନିୟୋଜିତ ଥିବା ସ୍ୱାମୀଙ୍କ ସ୍ୱଳ୍ପ ରୋଜଗାରକୁ ନେଇ ଦୁଇ ପୁଅ, ବୁଢ଼ୀମା'ଙ୍କ ସହ ପତି ଓ ପତ୍ନୀ ୫ ଜଣ ପରିବାର ଚଳିବା କଷ୍ଟକର ହେଉଥିଲା। ଅଭାବର ସାମ୍‌ନା କରିବାକୁ ଶାଶୁଘରୁ ପାଦ କାଢ଼ିଥିଲେ ସଂଯୁକ୍ତା। ୨୦୦୪ରେ ସେ ପ୍ରଥମେ ଫୁଲଚାଷ ଓ ଛତୁଚାଷ କରି ରୋଜଗାର ଆରମ୍ଭ କରିଥିଲେ। ଏଥିସହିତ ମହମବତି, ଫିନାଇଲ୍, ଧୂପକାଠି, ଜାମ୍, ଜେଲି, ବଡ଼ି, ପାମ୍ପଡ଼, ଆଚାର, ସର୍ବତ ଆଦି ମଧ୍ୟ କଲେ। ଏଥିପାଇଁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା। ଅନେକ ଥର ସେ କ୍ଷତିର ସାମ୍ନା କରିଥିଲେ ମଧ୍ୟ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ତାଙ୍କୁ କେହି ଅଟକାଇ ପାରି ନ ଥିଲେ। ସମସ୍ତ ଉତ୍ପାଦିତ ସାମଗ୍ରୀକୁ ନିକଟସ୍ଥ ପୁରୀ ସହରରେ ବିକ୍ରି କରି ବେଶ ଲାଭବାନ୍ ହୋଇଥିଲେ। ଏହାପରେ ସେ ପାଖ ପଡ଼ୋଶୀ ମହିଳା, ଝିଅ, ବୋହୂମାନଙ୍କୁ ଗ୍ରାମୀଣ ସ୍ୱରୋଜଗାର ଯୋଜନାରେ ପୁରୀ ସରକାରୀ ଆଇଟିଆଇରେ ତାଲିମ ପ୍ରଦାନ କରିଥିଲେ। ସତ୍ୟବାଦୀ, ପୁରୀ ସଦର, ବ୍ରହ୍ମଗିରି, ପିପିଲି ଓ ନିମାପଡ଼ା ବ୍ଲକର ପ୍ରାୟ ୬୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସେ ତାଲିମ ପ୍ରଦାନ କରି ସ୍ୱାବଲମ୍ବୀ କରିଛନ୍ତି। ଗରିବ ପରିବାରର ଶିଶୁମାନଙ୍କୁ ମୁଗଡାଲି, ଗହମ, ବାଦାମ, ଚୁଡା ଆଦି ଗୁଣ୍ଡରେ ସେ ଶିଶୁଖାଦ୍ୟ ପ୍ରସ୍ତୁତ କରିବାକୁ ଶିଖାଇଥିଲେ। ମହିଳା ଗୋଷ୍ଠୀଗୁଡିକ ଜମି ଲିଜ୍ ନେଇ ଗେଣ୍ଡୁ, ମାଣିକଚାନ୍ଦି, ରଜନୀଗନ୍ଧା, ଗ୍ଲାଡିଏଲା ଆଦି ଫୁଲ ଓ ଛତୁଚାଷ ମଧ୍ୟ କଲେ। ବିଭିନ୍ନ ଋତୁରେ ଅଧିକ ଅମଳ ହେଉଥିବା ଆମ୍ବ, ଟମାଟୋ, ଅଦା, ପିଜୁଳି, ଅମୃତଭଣ୍ଡା ଆଦିକୁ ଖାଦ୍ୟ ପ୍ରକ୍ରିୟାକରଣ ମାଧ୍ୟମରେ ସଂରକ୍ଷିତ କରିବା ସହ ଛୋଟଛୋଟ ସ୍ଥାନ, ଛାତ ଉପରେ ନିଜର ଖର୍ଚ୍ଚ ତୁଲାଇବା ନିମନ୍ତେ କିଚେନ ଗାର୍ଡେନରେ ଶାଗ, ବାଇଗଣ, ସଜନା, ଭେଣ୍ଡି, ଫୁଲ ଓ ଫଳଚାଷ କରିବାକୁ ସହାୟତା ମଧ୍ୟ ଯୋଗାଇ ଦେଲେ। ମହିଳାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସେ ରେଡିଓ କିଷାନବାଣୀ, ବିଶ୍ୱଖାଦ୍ୟ ଦିବସ, ପରିବେଶ ଦିବସ ଆଦି ପାଳନ କରୁଛନ୍ତି।

ପରିସ୍ଥିତି ଓ ସମସ୍ୟା ଯେମିତି ଆସୁନା କାହିଁକି, ଯଦି ଜଣେ ମହିଳା ସାହସର ସହ ସାମ୍‌ନା କରି ନିଜର ପରିଶ୍ରମ ଓ ନିଷ୍ଠା ବଳରେ ଆଗକୁ ଆଗେଇ ପାରିଲା, ତା'ହଲେ ସେ ସବୁକିଛି ସମ୍ଭବ କରିପାରିବ ; ଯାହା ଏହି ମହିଳାମାନେ ପ୍ରମାଣ କରି ଦେଖେଇ ଦେଇଛନ୍ତି।

– ରୋଜାଲିନ୍ ମହାନ୍ତି
ଶ୍ରୀକାନ୍ତ ପରିଜା, ବିଭୁପ୍ରସାଦ ବେହେରା,
ଉତ୍କଳବନ୍ଧୁ ପଣ୍ଡା, କିଶୋର ମହାପାତ୍ର,
ଭାସ୍କର ରାଉତରାୟ



ସତ୍ୟଭାମା ସାହୁ(ଡାହାଣରୁ ଦ୍ୱିତୀୟ)



ବୈଜୟନ୍ତୀ ରଣା



ମଞ୍ଜୁ ଅଗ୍ରୱାଲ

# ଚୁଡ଼ି ଫ୍ୟାଶନ



ଚୁଡ଼ି ଏମିତି ଏକ ଜୁଏଲେରୀ, ଯାହାକୁ ସବୁ ବର୍ଗର ମହିଳା ପିନ୍ଧିଥାନ୍ତି । ଦିନକୁ ଦିନ ଏହାର ନୂଆ ନୂଆ ଡିଜାଇନ୍ ବି ଆସୁଛି, ଯାହା ଟ୍ରେଣ୍ଡି ଲାଗିବା ସହ ମହିଳାଙ୍କୁ ଷ୍ଟାଇଲିଶ୍ ଲୁକ୍ ବି ଦେଇପାରୁଛି...





ଜୁଏଲେରୀ ପ୍ରତି ନାରୀମାନଙ୍କର ଦୁର୍ବଳତା ସବୁବେଳେ ରହିଆସିଛି । ଖାସ୍ କରି ଚୁଡ଼ି ହେଉଛି ଏମିତି ଏକ ଜୁଏଲେରୀ, ଯାହାକୁ ସବୁ ବର୍ଗର ମହିଳା ପିନ୍ଧିଥାନ୍ତି । ବିଶେଷକରି ଭାରତର ବିବାହିତା ନାରୀଙ୍କ ଏହା ହେଉଛି ସବୁଠୁ ପ୍ରିୟ ଗହଣା, ଯାହାକୁ ପିନ୍ଧିଲେ ସ୍ୱାମୀଙ୍କ ଆୟୁଷ ବଢ଼ିଥାଏ ବୋଲି ସେମାନଙ୍କ ବିଶ୍ୱାସ ରହିଛି । ସେହିପରି ଚୁଡ଼ି ପିନ୍ଧିବାକୁ ନେଇ ଏକ ବୈଜ୍ଞାନିକ କାରଣ ବି ଅଛି । କୁହାଯାଏ, ଚୁଡ଼ି ପିନ୍ଧିବା ଦ୍ୱାରା ଏହା ବାରମ୍ବାର କଟିରେ ଘଷି ହୋଇଥାଏ, ଯାହା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍‌ରେ ହୁଏ । ତେଣୁ ଚୁଡ଼ିର ଚାହିଦା ସବୁବେଳେ ଥିଲା ଆଉ ଆଗକୁ ମଧ୍ୟ ରହିବ । ସେଥିପାଇଁ ଦିନକୁ ଦିନ ଏହାର ନୂଆ ନୂଆ ଡିଜାଇନ୍ ବି ଆସୁଛି । ସେମିତି କିଛି ଟ୍ରେଣ୍ଡି ଚୁଡ଼ି ସମ୍ପର୍କରେ...

**ଆନିମଲ୍ ହେଡ୍ ଚୁଡ଼ି:** ବିଭିନ୍ନ ପ୍ରାଣୀଙ୍କ ମୁଣ୍ଡର ଡିଜାଇନ୍ ଏପରିକି ମୟୂର ଡିଜାଇନ୍‌ରେ ଆସୁଥିବା ଏହି ଚୁଡ଼ିକୁ ବାହାଘର କିମ୍ବା ପୂଜାପାର୍ବଣ ସମୟରେ ପିନ୍ଧିଲେ ଭଲ ମାନିଥାଏ । ଖାସ୍ କରି ସୁନା ଚୁଡ଼ିରେ ଯଦି ଏହି ଡିଜାଇନ୍ ହୋଇଥାଏ, ତା'ହେଲେ ଅଧିକ ସୁନ୍ଦର ଦେଖାଯାଇଥାଏ ।

**କୁନ୍ଦନ ଚୁଡ଼ି:** ଏହି ଚୁଡ଼ି ବି ହାତକୁ ଗର୍ଜିୟସ୍ ଲୁକ୍ ଦେଇଥାଏ । କିନ୍ତୁ ସବୁଦିନ ଏହାକୁ ପିନ୍ଧିହେବ ନାହିଁ । ନଚେତ୍ ଚୁଡ଼ିରେ ଲାଗିଥିବା କୁନ୍ଦନ ଖସିଯିବାର ସମ୍ଭାବନା ରହିଛି । କେବଳ ବିଶେଷ ଅବସରରେ ଏହାକୁ ପିନ୍ଧିଲେ ଲୁକ୍ ଷ୍ଟାଇଲିଶ୍ ଲାଗେ । ସେହିପରି ଜେମ୍ସ କିମ୍ବା ମୀନା ଖଚିତ ଚୁଡ଼ିକୁ ବି ସବୁବେଳେ ପିନ୍ଧି ହୁଏ ନାହିଁ, କିନ୍ତୁ ଏହା ମଧ୍ୟ ଗର୍ଜିୟସ୍ ଲୁକ୍ ଦିଏ ।

**ଫ୍ଲୋରାଲ୍ ଡିଜାଇନ୍ ଚୁଡ଼ି:** ଯଦି କୌଣସି କକ୍‌ଟେଲ୍ ପାର୍ଟିକୁ ଯିବାର ଥାଏ, ତା'ହେଲେ ଡାଇମଣ୍ଡ ଲାଗିଥିବା କୌଣସି ଫ୍ଲୋରାଲ୍ ଡିଜାଇନ୍‌ର ଚୁଡି ଟ୍ରାଏ କରନ୍ତୁ, ମଡର୍ନ ଲୁକ୍ ପାଇବେ । ସେହିପରି ଫ୍ଲୋରାଲ୍ ଡିଜାଇନ୍‌ର ସୁନା ଚୁଡି ବି ଆକର୍ଷଣୀୟ ଲୁକ୍ ଦେଇଥାଏ ।

**ପର୍ଲ ଖଚିତ ଚୁଡ଼ି:** ପର୍ଲ ଖଚିତ ଜୁଏଲେରୀର ଚାହିଦା ସବୁବେଳେ ରହିଆସିଛି । ଖାସ୍ କରି ଏହି ଡିଜାଇନ୍‌ର ଚୁଡ଼ି ଗର୍ଜିୟସ୍ ଲୁକ୍ ଦେଇଥାଏ । ତେବେ ମଡର୍ନ ତୁଳନାରେ ଟ୍ରାଡିଶ୍‌ନାଲ ଆଉଟ୍‌ଫିଟ୍ ସହ ପର୍ଲ ଖଚିତ ଚୁଡ଼ି ଅଧିକ ସୁନ୍ଦର ଦେଖାଯାଇଥାଏ ।

**ରେଶିନ୍ ଚୁଡ଼ି ଡିଜାଇନ୍:** ଯୁବତୀମାନଙ୍କ ଗହଣରେ ଏହି ଡିଜାଇନ୍ ଚୁଡ଼ିର ଚାହିଦା ବେଶ୍ ରହିଛି । ଏପରିକି କର୍ମଜୀବୀ ବି ଏହି ଚୁଡ଼ିକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଅଫିସିଆଲ୍ ମିଟିଂ ପାଇଁ ବି ଏହା ଏକ ପରଫେକ୍ଟ ଜୁଏଲେରୀ କହିଲେ ଚଳେ ।

**ସରୁ ଚୁଡ଼ିର ଚାହିଦା:** ଆଜିକାଲି ଦେଖିବାକୁ ମିଳୁଛି, ଖୁବ୍ ସରୁ ସରୁ ଡିଜାଇନ୍‌ର ମେଞ୍ଚାଏ ଚୁଡ଼ିକୁ ଗୋଟିଏ ହାତରେ ପିନ୍ଧିବାର ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି । ଖାସ୍ କରି ଏଥ୍‌ନିକ୍ ଆଉଟ୍‌ଫିଟ୍ ସହ ଏହି ଷ୍ଟାଇଲ୍ ବେଶ୍ ଭଲ ମାନିଥାଏ ।

**ଚାର୍ମ ଡ୍ରପ ଚୁଡ଼ି ଡିଜାଇନ୍:** ଏହି ଚୁଡ଼ିରେ ସାଧାରଣତଃ ଝୁମ୍‌କା ଓହଳିଲା ଭଳି ଡିଜାଇନ୍ କରାଯାଇଥାଏ, ଯାହା ହାତକୁ ବେଶ୍ ସୁନ୍ଦର ଦେଖାଯାଇଥାଏ । ଖାସ୍ କରି ଲେହେଙ୍ଗା ସାଙ୍ଗରେ ଏହି ଷ୍ଟାଇଲ୍ ଚୁଡ଼ି ଭଲ ମାନିଥାଏ ।

**ହ୍ୟାଣ୍ଡ-ପେଣ୍ଟେଡ୍ ଚୁଡ଼ି:** ଆଜିକାଲି ପେଣ୍ଟିଂ ଡିଜାଇନ୍‌ର ଏକ ପ୍ରକାର ଚୁଡି ମାର୍କେଟ୍‌ରେ ମିଳିଲାଣି, ଯାହାକୁ ଅଫିସ୍ କିମ୍ବା ପାର୍ଟି, ଫଙ୍କଶନ୍‌ରେ ପିନ୍ଧିଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗିବ ।



# ‘ଦି ରୋଜ୍ ଟାଟୁ’ର ରୂପକାର














‘ଦି ରୋଜ୍ ଟାଟୁ’ ଭଳି ବହୁ ଲୋକପ୍ରିୟ ନାଟକର ରଚୟିତା ହେଉଛନ୍ତି ଟେନ୍‌ସୀ ୱିଲିୟମ୍ସ। ବିଂଶଶତାବ୍ଦୀର ସେ ହେଉଛନ୍ତି ଜଣେ ବିଖ୍ୟାତ ନାଟ୍ୟକାର। ତାଙ୍କୁ ଜଣେ ମାର୍କିନ୍ ନାଟ୍ୟକାର ବୋଲି କୁହାଯାଉଥିଲେ ମଧ୍ୟ ସମଗ୍ର ବିଶ୍ୱର ନାଟ୍ୟ ସାହିତ୍ୟ ତାଙ୍କର ରଚିତ ନାଟକ ଦ୍ୱାରା ପ୍ରଭାବିତ। ଇଉଜିନ୍ ନିଲ୍, ଆର୍ଥର ମିଲରଙ୍କ ଭଳି ବିଶ୍ୱ ପ୍ରସିଦ୍ଧ ନାଟ୍ୟକାରଙ୍କର ସେ ହେଉଛନ୍ତି ସମସାମୟିକ। ଖୁବ୍ କମ୍ ବୟସରୁ ଟେନ୍‌ସୀ ନାଟକ ଲେଖିବା ଆରମ୍ଭ କରିଥିଲେ। ତାଙ୍କୁ ୩୩ବର୍ଷ ହେବା ବେଳକୁ ସେ ଜଣେ ପ୍ରସିଦ୍ଧ ନାଟ୍ୟକାରର ମାନ୍ୟତା ପାଇ ସାରିଥିଲେ। ୧୯୪୪ରେ ପ୍ରକାଶିତ ନାଟକ ‘ଦି ଗ୍ଲାସ୍ ମେନାଜେରି’ ତାଙ୍କୁ ଜଣେ ପ୍ରସିଦ୍ଧ ନାଟ୍ୟକାରର ମାନ୍ୟତା ଦେଇଥିଲା। ପାରିବାରିକ ସମସ୍ୟା ଆଧାରରେ ରଚିତ ହୋଇଥିଲା ନାଟକଟି। କ୍ରିଟିକ୍‌ମାନେ ଏହାର ଭୂୟସୀ ପ୍ରଶଂସା କରିବା ସହିତ ଏହି ନାଟକଟିରେ ତାଙ୍କ ପାରିବାରିକ ଜୀବନର ବହୁ ଭାଗ ପ୍ରତିଫଳିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ସେ ଯାହା ବି ହେଉ ‘ଦି ଗ୍ଲାସ୍ ମେନାଜେରି ’ ତାଙ୍କୁ କେବଳ ସଫଳତା ଦେଇ ନ ଥିଲା ; ଅଧିକନ୍ତୁ ପ୍ରସିଦ୍ଧ କରିଦେଇଥିଲା। ଏହା ପରେ ପରେ ଆସିଥିବା ତାଙ୍କର ନାଟକଗୁଡ଼ିକ ମଧ୍ୟରେ ଥିଲା ‘ଏ ଷ୍ଟ୍ରିଟ୍‌କାର ନେମ୍‌ଡ ଡିଜାୟାର’, ‘କ୍ୟାଟ୍ ଅନ୍ ଏ ହଟ୍ ଟିନ୍ ରୁଫ୍’ ଏବଂ ଆହୁରି ଅନେକ। ‘ଏ ଷ୍ଟ୍ରିଟ୍‌କାର ନେମ୍‌ଡ ଡିଜାୟାର’କୁ ଆମେରିକାର ସବୁଠୁ ସୁନ୍ଦର ନାଟକ ଭାବରେ ଏବେ ମଧ୍ୟ ବିବେଚନା କରାଯାଇଥାଏ। ୱିଲିୟମ୍ସଙ୍କର ଅନେକ ନାଟକକୁ ନେଇ ଫିଲ୍ମ ପ୍ରସ୍ତୁତ କରାଯାଇଛି। ନାଟକ ବ୍ୟତୀତ ସେ କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ ଏବଂ ସ୍ମୃତିଲେଖ ମଧ୍ୟ ରଚନା କରିଛନ୍ତି।

**ପିଲାବେଳ :** ମିସିସିପିରେ ଜନ୍ମ ହୋଇଥିଲେ ୱିଲିୟମ୍ସ। ତାଙ୍କ ପୂରା ନାମ ଥୋମାସ ଲାନିଅର ୱିଲିୟମ୍ସ। ତାଙ୍କ ବାପା ଜଣେ ଜୋତା ବିକ୍ରେତା ଥିଲେ। ମା’ ଥିଲେ ସୁଗୃହିଣୀ। ତାଙ୍କୁ ଛାଡ଼ି ତାଙ୍କର ଥିଲେ ଆଉ ଜଣେ ଭାଇ ଓ ଆଉ ଜଣେ ଭଉଣୀ। ଆଠବର୍ଷ ବୟସରେ ୱିଲିୟମ୍ସ ପାଠପଢ଼ା ଆରମ୍ଭ କରିଥିଲେ। ତାଙ୍କ ପିଲାବେଳ ଥିଲା ବେଶ୍ ଘଟଣା ବହୁଳ। ପିଲାବେଳର ବହୁ ସ୍ମୃତି ତାଙ୍କ ନାଟକ ସବୁରେ ପ୍ରତିଫଳିତ ହୋଇଥିବା ନାଟ୍ୟ ସମାଲୋଚକମାନେ ମତବ୍ୟକ୍ତ କରନ୍ତି। ପିଲାଟି ବେଳୁ ୱିଲିୟମ୍ସ ଜଣେ ଖୁବ୍ ଭଲ ପାଠକ ଥିଲେ। ସେ ବିଶ୍ୱର ସମସ୍ତ ଲେଖକଙ୍କୁ ପଢ଼ିବା ପାଇଁ ଚାହୁଁଥିଲେ। କେବଳ ପଢୁ ନ ଥିଲେ ; ଅଧିକନ୍ତୁ ଅନେକଙ୍କ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥିଲେ। ସେ ବହୁ ଭାବରେ ପ୍ରଭାବିତ ହୋଇଥିବା ଲେଖକମାନଙ୍କ ତୁଳନାରେ ରହିଛନ୍ତି ହାର୍ଟ କ୍ରେନ୍, ଆର୍ଥର ରିମ୍ବଡ, ଆଣ୍ଟୋନ୍ ଚେକଭ୍, ୱିଲିୟମ୍ ସେକ୍ସପିୟର, ଡି.ଏଚ୍. ଲରେନ୍ସ, କ୍ୟାଥେରିନ୍ ମେନ୍‌ସ ଫିଲ୍ଡ, ୱିଲିୟମ୍ ଫକ୍‌ନର, ଥୋମାସ୍ ୱୁଲଫ, ଏମିଲି ଡିକିନ୍‌ସନ୍, ଜେମସ ଜୟେସ୍, ଅର୍ନେଷ୍ଟ ହେମିଂୱେ।

**ନାଟକ ପ୍ରତିଯୋଗିତା :** ପିଲାଟି ବେଳରୁ ନାଟକ ପ୍ରତି ଦୁର୍ବଳ ଥିଲେ ୱିଲିୟମ୍ସ। ସେ ନାଟକ ସବୁକୁ ପଢ଼ିବା ସହ ଖୁବ୍ କମ୍ ବୟସରୁ ନାଟକ ଲେଖିବା ଆରମ୍ଭ କରି ଦେଇଥିଲେ। କଲେଜରେ ପଢ଼ିବା ବେଳକୁ ତାଙ୍କ ଭିତରେ ନାଟକ ଲେଖିବାର ଝୁଙ୍କ୍ ବହୁତ ବଢ଼ିଯାଇଥିଲା। ସେତେବେଳେ ଆମେରିକାରେ ନାଟକକୁ ନେଇ ଏକ ପରିବର୍ତ୍ତନର ସ୍ୱର ପ୍ରବାହିତ ହେଉଥିଲା। ସେ ବି ସମସ୍ତଙ୍କ ଅଜାଣତରେ ସେହି ସ୍ରୋତରେ ସାମିଲ ହୋଇଗଲେ। ପ୍ରଥମ ପର୍ଯ୍ୟାୟରେ ସେ ବିଭିନ୍ନ ନାଟକ ପ୍ରତିଯୋଗିତା ପାଇଁ ନାଟକ ଲେଖିବା ଆରମ୍ଭ କଲେ। ସେହି ନାଟକ ମଧ୍ୟରେ ଉଲ୍ଲେଖନୀୟ ଥିଲା ଦୁଇଟି ନାଟକ ‘ବିୟୁଟି ଇଜ୍ ଦ ୱାର୍ଡ଼’ ଏବଂ ‘ହଟ୍ ମିଲ୍କ ଆଟ୍ ଥ୍ରୀ ଇନ୍ ଦ ମର୍ନିଂ’। ‘ବିୟୁଟି ଇଜ୍ ଦ ୱାର୍ଡ’ ନାଟକଟି ତାଙ୍କୁ ପ୍ରଥମଥର କରି ନାଟ୍ୟ ପ୍ରତିଯୋଗିତାରେ ବିଜୟର ମୁକୁଟ ପିନ୍ଧାଇଥିଲା।

**ଶେଷ ଜୀବନ :** ବ୍ୟକ୍ତିଗତ ଜୀବନରେ ଖୁବ୍ ଅସହାୟ ଥିଲେ ୱିଲିୟମ୍ସ। କାରଣ ତାଙ୍କର ଜଣେ ଭଉଣୀ ସିଜୋଫ୍ରେନିଆ ରୋଗରେ ପୀଡ଼ିତ ଥିଲେ। ଭଉଣୀର ସମସ୍ତ ଦେଖାଶୁଣା କରିବାକୁ ହେଉଥିଲା ତାଙ୍କୁ। ନିୟମିତ ଚିକିତ୍ସା ସତ୍ତ୍ୱେ ବି ତାଙ୍କର ରୋଗରେ କୌଣସି ପରିବର୍ତ୍ତନ ହେଉ ନ ଥିଲା। ଅଧିକନ୍ତୁ ଦିନକୁ ଦିନ ସେ ମାନସିକ ସ୍ତରରେ ଅଧିକ ନିମ୍ନଗାମୀ ହେଉଥିଲେ। ୱିଲିୟମ୍ସଙ୍କ ନାଟକରେ ଏହି କାରଣରୁ ସମ୍ଭବତଃ ଅସହାୟତାର ମାତ୍ରା ଅଧିକ ପରିଲକ୍ଷିତ ହୋଇଥାଏ। ଏମିତିକି ଭଉଣୀର ଦେଖାଶୁଣା କରିବାକୁ ଯାଇ ସେ ନିଜର ବିବାହ କଥା ଭୁଲିଯାଇଥିଲେ। ୭୧ ବର୍ଷ ବୟସରେ ଏହି ପ୍ରସିଦ୍ଧ ନାଟ୍ୟକାରଙ୍କର ପରଲୋକ ଘଟିଥିଲା।







# ଚିତ୍ରିତ ପୃଥିବୀ

– ମଣିରାମ ଜେନା

ଶ୍ରୀମନ୍ତ ଫେରିଯିବାର ଅନେକ ଦିନ ହୋଇଗଲାଣି। ଶୀତ ଯାଇ ବସନ୍ତ ଋତୁ ଆସିଗଲାଣି। କଲ୍ୟାଣୀ ଆଖିରୁ ଲୁହ ଶୁଖୁନି। ସବୁବେଳେ ତା'ର ସ୍ୱାମୀକଥା ମନେ ପଡୁଛି। ଶୟନେ, ସ୍ୱପନେ, ଜାଗରଣେ କେବଳ ଶ୍ରୀମନ୍ତର କଥା ହିଁ ଭାବିଚାଲିଛି ସେ। ଆରଘରୁ କାହାର ପାଦଶବ୍ଦ ଶୁଭୁଛି।

ଶ୍ରୀମନ୍ତ ଆସୁଛି କି ଆଉ ?

ବସିଥିବା ଚେୟାରରୁ ମୁହଁ ବୁଲେଇ ଚାହିଁଲା ବେଳକୁ ତା' ମୁହଁରେ ମୁଠାଏ ଅବିର ବୋଳିଦେଲା କିଏ। ଆଖି ଖୋଲି ଦେଖିଲା ବେଳକୁ ସାମ୍ନାରେ ଠିଆ ହୋଇଛି ସାତବର୍ଷର ପୁଅ ସୁମିତ୍। ତା' ହାତରୁ ଝରି ପଡୁଥିଲା ଲାଲ୍‌ରଙ୍ଗର ଅବିର ; ଯୋଉ ରଙ୍ଗକୁ ଏବେ ଘୃଣା କରୁଛି କଲ୍ୟାଣୀ।

ତା' ଆଖିରୁ ଝରିଗଲା ଦି'ଧାର ଅଶ୍ରୁ। ରାଗରେ ପୁଅ ଗାଲକୁ ଚାପୁଡ଼ାଟିଏ ପକାଇଲା। ମାଡ଼ ଖାଇଲା ପରେ ଅବିଚଳିତ ରହିଲା ଶିଶୁପୁତ୍ରଟି।

''ମୋତେ ମାରିଲ କାହିଁକି ମା' ?'' ପଚାରିଲା ପୁଅ।

'ତୋତେ ମୁଁ କ'ଣ କହି ବୁଝାଇବିରେ ବାପା... ? କଲ୍ୟାଣୀ କହିଲେ।

''ତମେ କ'ଣ ଭାବିଛ ମୁଁ କିଛି ବୁଝିନି ମା'। ଶତ୍ରୁମାନଙ୍କ ସହିତ ଲଢ଼ି ବାପା ମରିଗଲା ପରେ ତମେ ଖୁବ୍ ଦୁଃଖ ପାଉଛ। ଆମ ଗାଁରେ ମୋ ବାପାଙ୍କର ଏବେ ଭାରି ଆଦର, ଖାତିର। ପଛକଥାକୁ ତୁମେ ଭୁଲିଯାଅ ମା'। ମୋତେ ତ ମୋ ବାପାଙ୍କର ଅଧୁରା କାମକୁ ପୂରା କରିବାକୁ ହେବ ନା। ତମ ନିଜ ହାତରେ ଏଇ ଅବିରକୁ ତିଳକ କରି ମୋ ମଥାରେ ଲଗାଇଦିଅ।'' ଚମକି ପଡ଼ିଲା କଲ୍ୟାଣୀ। ଏ ତ ଶ୍ରୀମନ୍ତର କଥା। ଏତେ ବାଳୁତ ବୟସରେ ସୁମିତ ଏସବୁ ଶିଖିଲା କାହାଠାରୁ ? ଏଇ କଥାରେ କଲ୍ୟାଣୀ ଗର୍ବରେ ଫୁଲି ଉଠିଲା। ନିଜ ପୁଅଟିକୁ କୋଳକୁ ଆଉଜେଇ ଆଣି କାନ୍ଦି ଉଠିଲା କଲ୍ୟାଣୀ।

*– ବିଶେଷଜ୍ଞ, ପ୍ରାଣୀ ଚିକିତ୍ସା ପଲିକ୍ଲିନିକ୍,*
*ଶହୀଦନଗର, ଭୁବନେଶ୍ୱର, ମୋ – ୭୯୭୮୯୭୩୧୪୭*

# ଆଜିକ ପାଇଁ ଅନ୍ତତଃ

– ସ୍ମୃତିରଞ୍ଜନ ସେଠୀ

ଆଜିକ ପାଇଁ ଅନ୍ତତଃ
ଲୁହ ବିକ୍ରି ନ ହେଉ
ପାଉଚ୍ ପ୍ୟାକେଟ୍ ହୋଇ
ଏକ ଟଙ୍କାରେ ॥

ଆଜିକ ପାଇଁ ଅନ୍ତତଃ
ମହମବତି ନ ଜଳୁ
ପ୍ଲାଷ୍ଟିକ୍ ଗ୍ଲାସ୍‌ରେ ରହି
ନିରାପଦରେ ॥

ଆଜିକ ପାଇଁ ଅନ୍ତତଃ
ତୁମ ଚିତ୍କାର ଟିକକ
ମୋହରଟିଏ ନ କିଣୁ
ଭୋଟ୍ ବାକ୍ସରେ ॥

ବାସ୍ ଆଜିକ ପାଇଁ

ଆଜିକ ପାଇଁ ଅନ୍ତତଃ
ନରମିଯାଉ ରକ୍ତ, ସରମିଯାଉ ରଙ୍ଗ
ଶୁଖିଯାଉ ବଢ଼ା ହୋଇଥିବା ଭାତ,
ସାରାଦିନ ଅନ୍ଧାରରେ ରହୁ ଭାରତ ॥

*– ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ*
*ମୋ – ୭୮୦୯୦୨୯୬୩୬*

# 'ନିକିତା ତୁମକୁ ବହୁତ ଭଲପାଏ'

–ସାଗରିକା ପଟ୍ଟନାୟକ

ଶୋଇଥିଲ ତୁମେ ନିସ୍ତବ୍ଧ ହୋଇ
ଠିକ୍ ମୋ' ଆଖି ସାମ୍ନାରେ
କେଶରୀ ଧଳା ସବୁଜ ଚାଦରରେ ଘୋଡ଼ିହୋଇ
ଲାଗୁଥିଲା ଏବେ ଉଠି ହସିଦବ
କହିଯିବ କେତେ କଥା...
ହେଲେ ନା...
ତୁମେ ପରା ଶହୀଦ୍
ମୋ' ଭଲପାଇବା ଠାରୁ ତୁମ ଭଲପାଇବା
ଆଜି ଢେର ଅଧିକ ବୋଲି ପ୍ରମାଣିତ
ସେଥିପାଇଁ ତ ଘର ଆଗେ ଅସମ୍ଭାଳ ଭିଡ଼
ସମସ୍ତେ ସାନ୍ତ୍ୱନା ଦେଉଛନ୍ତି ମୋତେ
ମା'ରେ ଭାଙ୍ଗି ପଡ଼ନା
ଧୈର୍ଯ୍ୟ ରଖ
ହେଲେ ନା...
ମୁଁ ତ ଏବେ ଶହୀଦର ସ୍ତ୍ରୀ
ଭାଙ୍ଗିବି କେମିତି ?
ଭାବିନିଅ ପ୍ରସ୍ତୁତ ଥିଲି
ଏ ସମୟ ସହ ଲଢ଼ି ଜିତିବାକୁ
ଯେବେ ତୁମ ହାତ ଧରିଲି
ନଚେତ୍ ଭାବିନିଅ ଚଉଠି ରାତିରେ
ତୁମର ସେ ଦେଶପ୍ରେମ କଥା ଶୁଣି..
ହେଲେ ହାରିଗଲି..
ଖୁସି ଏତିକି ତୁମେ ଜିତିଗଲ
ଅନେକ ହୃଦୟ... !
ଆଜି ମୁଁ ନିଃସହାୟ, ଏକାକିନୀ
ଅନେକ ସଂଘର୍ଷ ବାକିଅଛି
ତୁମ ଯିବା ପରେ..
ତୁମେ କିନ୍ତୁ ମନେ ରଖିଥିବ
'ନିକିତା ତୁମକୁ ବହୁତ ଭଲପାଏ' ॥

– କାକଟପୁର, ପୁରୀ
ମୋ–୯୮୫୩୭୬୮୨୫୬

# ପୁଲୱାମା

– ସାଇ ସିଦ୍ଧାନ୍ତ ବେହେରା

ସନ୍ତ୍ରାସବାଦ, ଆତଙ୍କବାଦ
ଯେତେ ଅଛ ସବୁ ବାଦ
ଭାରତ ମାଟିରେ ଘଟାଇଛ
ତମେ କେତେ ବୀଭତ୍ସ କାଣ୍ଡ
ରକ୍ତର ନଦୀ ବୁହାଇଛ ତମେ
ଛାତିରେ ମାରିଛ ଗୁଳି
ଆୟୁଷ ଥାଇ ବି
କେତେ ବୀରଙ୍କର
ଜଳାଇଛ ତମେ ଜୁଇ
ପୁଲୱାମା ବୀର ମରି ଯାଇନାହିଁ
ଶହୀଦ ହୋଇଛି ଆଜି
ଗର୍ବ କରୁଛି ପରିବାର ଆମ
ବିଶ୍ୱ ଦିଏ ଶ୍ରଦ୍ଧାଞ୍ଜଳି
ହଜାରେ ଆତଙ୍କ
ସୃଷ୍ଟି କରିପାର
ବୁଣିପାର ବିଷ ମଞ୍ଜି
ସପନ ତମର ସ୍ୱପ୍ନରେ ରହିବ
କେବେ ପାରିବନି ଭାରତ ମା'ଠୁ
ଆମ କଶ୍ମୀର ଅଲଗା କରି ॥

*– ଜହ୍ନିଆପଦା, ଔପଦା, ବାଲେଶ୍ୱର*
*ମୋ – ୯୦୦୪୪୩୦୭୯୬*







ଜାହ୍ନବୀ

# ପୂରଣ ହେଲା ବାୟୋପିକ୍ ଆଶା

ଜାହ୍ନବୀ କପୁରଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଧଡକ'ରୁ। ପ୍ରଥମ ଫିଲ୍ମର ସଫଳତା ପରେ ସେ ନିଜ ଅଭିନୟକୁ ନେଇ ବେଶ୍ ସ୍ୱପ୍ନ ଦେଖୁଛନ୍ତି । ନିକଟରେ ତାଙ୍କର ଏକ ଆଶା ପୂରଣ ହୋଇଛି। ଏକ ବାୟୋପିକ୍ ଫିଲ୍ମରେ ଆକ୍ଟିଂ କରିବାର ଆଶା ଏବେ ପୂରଣ ହୋଇଛି। ଭାରତୀୟ ବାୟୁ ସେନାର ପ୍ରଥମ ମହିଳା କମ୍ବାଟ ପାଇଲଟ୍ ଗୁଞ୍ଜନ ସକ୍ସେନାଙ୍କ ଜୀବନୀ ଉପରେ ଏହି ଫିଲ୍ମଟି ନିର୍ମିତ ହେବ ଏବଂ ଏହାର ଟାଇଟଲ ଭୂମିକାରେ ଅଭିନୟ କରିବେ ଜାହ୍ନବୀ। ୧୯୯୯ରେ ସଂଗଠିତ କାରଗିଲ୍ ଯୁଦ୍ଧରେ ଏହି ମହିଳା ପାଇଲଟ୍ଙ୍କ ବୀରତ୍ୱକୁ ବେଶ୍ ପ୍ରଶଂସା କରାଯାଇଥିଲା। ଯଦିଓ ଏହି ବାୟୋପିକ୍ର ଟାଇଟଲ ଫାଇନାଲ ହୋଇନାହିଁ ତେବେ ଏହାର ଶୁଟିଂ ଇତିମଧ୍ୟରେ ଲକ୍ଷ୍ନୌରେ ଆରମ୍ଭ ହୋଇଯାଇଛି। ଏହି ଫିଲ୍ମରେ ଜାହ୍ନବୀଙ୍କ ବାପା ଭୂମିକାରେ ପଙ୍କଜ କପୁର ଅଭିନୟ କରୁଛନ୍ତି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ସରନ୍ ଶର୍ମା ଏବଂ ଏଥିରେ ଅଙ୍ଗଦ ବେଦୀ ଏକ ପ୍ରମୁଖ ରୋଲ୍ରେ ଅବତୀର୍ଣ୍ଣ ହୋଇଛନ୍ତି। ଫିଲ୍ମଟିର ଶୁଟିଂ ମାର୍ଚ୍ଚ ଶେଷ ସପ୍ତାହ ସୁଦ୍ଧା ଶେଷ ହେବାର ଟାର୍ଗେଟ ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ।



ସୁମନ-ଅଭିଷେକ

# ପ୍ରେମ ପାଇଁ..

ବେଳେବେଳେ ପ୍ରେମ ପାଇଁ ପ୍ରେମିକକୁ ଅନେକ କିଛି ସାମ୍ନା କରିବାକୁ ପଡ଼ିଥାଏ। ତେବେ ନିଜ ପ୍ରେମକୁ ସଫଳ କରିବାକୁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିଥିବା ଦେବ୍ ସେଥିରୁ ବାଦ୍ ପଡ଼ନ୍ତା କିପରି ? ହଠାତ୍ ସେ ବୈଶାଳୀ ପ୍ରେମରେ ପଡିଯାଇଛି। ହେଲେ ପ୍ରେମର ରାସ୍ତା ଯେ ଏତେ କଣ୍ଟକିତ ତାହା ସେ ଜାଣି ନ ଥିଲା। ତେବେ ଏଭଳି ଘଟଣାକୁ ସେ କିପରି ସାମ୍ନା କରୁଛି ଏବଂ ଏହି ପ୍ରେମରେ ସେ ସକ୍ସେସ ହେଉଛି କି ନାହିଁ ତାହାର ଉତ୍ତର ରହିଛି ସିନେମାରେ। ଅଜୟ ସାମଲଙ୍କ ରଚିତ ଏପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ବୈଶାଳୀ'। ବୈଶାଳୀ ପ୍ରଡକ୍ସନ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସୁଧୀର କୁମାର। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଉଛନ୍ତି ଆଶୁତୋଷ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏହି ଚଳଚ୍ଚିତ୍ରର ନାୟକ ଭୂମିକାରେ ଅଭିନୟ କରୁଛନ୍ତି ଅଭିଷେକ ରଥ ଏବଂ ତାଙ୍କର ନାୟିକା ସାଜିଛନ୍ତି ସୁମନ ପ୍ରିୟା। ଏମାନଙ୍କ ବ୍ୟତୀତ ବିଜୟ ମହାନ୍ତି, ଅପରାଜିତା ମହାନ୍ତି, ପୃଥ୍ୱୀରାଜ, ପ୍ରତିଭା ପଣ୍ଡା, ହରିହର ମହାପାତ୍ର, ରବି ମିଶ୍ର, ମନୀଷା ମିଶ୍ର, ଅସୀତ ପତି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ମେ'କୁ ଅପେକ୍ଷା

ନବାଗତା ଅନନ୍ୟା ପାଣ୍ଡେ ମେ'କୁ ଅପେକ୍ଷା କରିଛନ୍ତି। କାରଣ ତାଙ୍କର ଡେବ୍ୟୁ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨' ଏହି ମାସରେ ରିଲିଜ୍ ହେବାକୁ ଯାଉଛି। ତେଣୁ ଏବେଠାରୁ ତାହାର ପ୍ରଚାରରେ ନିଜକୁ ନିୟୋଜିତ ରଖିଛନ୍ତି ସେ। ଆଉ ସୋସିଆଲ ମିଡିଆକୁ ଏହାର ପ୍ରମୁଖ ମାଧ୍ୟମ ଭାବରେ ବାଛି ନେଇଛନ୍ତି। ଏଥିରେ ସେ ନିଜ ପ୍ରଥମ ଫିଲ୍ମର ଫଟୋ ସେୟାର କରିବା ସହ ନିଜ ମନ୍ତବ୍ୟ ରଖୁଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଫିଲ୍ମ ରିଲିଜ୍ ନ ହେଉଣୁ ତାଙ୍କୁ ଆଉ ଏକ ଅଫର ମିଳିଛି ଏବଂ ସେଥିରେ ଅଭିନୟ କରିବାକୁ ଗ୍ରୀନ ସିଗ୍ନାଲ ମଧ୍ୟ ଦେଖାଇ ସାରିଛନ୍ତି। ଫିଲ୍ମର ଟାଇଟଲ ରହିଛି 'ପତି ପତ୍ନୀ ଔର ୱ'। ଏଥିରେ ତାଙ୍କ ଅପୋଜିଟ୍ରେ ଅଛନ୍ତି କାର୍ତ୍ତିକ ଆର୍ଯ୍ୟନ। ଭୂମି ପେଦନେକରଙ୍କୁ ମଧ୍ୟ ଏହି ଫିଲ୍ମରେ ଦେଖିବାକୁ ମିଳିବ। 'ମୋର ପ୍ରଥମ ଫିଲ୍ମକୁ ନେଇ ଅନେକ ଆଶା ରହିଛି। କରନ ଜୋହର ମୋତେ ଏହି ସୁଯୋଗ ଦେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇବାକୁ ମୋ ନିକଟରେ ଭାଷା ନାହିଁ। ତେବେ ଆଗକୁ ଯେତେ ଅଫର ମିଳିଲେ ମଧ୍ୟ ଦେଖିଚାହିଁ ଫିଲ୍ମ ସାଇନ୍ କରିବି ବୋଲି କହିଛନ୍ତି ୧୯ବର୍ଷ ବୟସ୍କା ଏହି ଅଭିନେତ୍ରୀ।

# ପୁଣି ଥରେ ସଲମାନ୍-ଐଶ୍ୱର୍ଯ୍ୟା

ସଲମାନ-ଐଶ୍ୱର୍ଯ୍ୟା ଯୋଡ଼ିକୁ ପୁଣି ଥରେ ବଡ଼ ପରଦାରେ ଦେଖିବାକୁ ମିଳିବ। ଏପରି ଏକ ପ୍ରୟାସ ଆରମ୍ଭ କରିଛନ୍ତି ବଲିଉଡ୍ର ବିଶିଷ୍ଟ ପ୍ରଯୋଜକ-କମ୍-ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀ। ଶୁଣିବାକୁ ମିଳୁଛି ଯେ ଭଁସାଲୀଙ୍କ ଆଗାମୀ ଫିଲ୍ମର କାହାଣୀ ଏବଂ ଚିତ୍ରନାଟ୍ୟ ଏହି ଯୋଡ଼ିକୁ ଆଧାର କରି ଲେଖାଯାଇଛି। କେବଳ ସେତିକି ନୁହେଁ, ନିଜ ସ୍ୱପ୍ନକୁ ବାସ୍ତବତା ଦେବାକୁ ଭଁସାଲୀ ପୂରା ଦମ୍ରେ ଅଣ୍ଟା ଭିଡ଼ିଛନ୍ତି। ଯଦି ଏହା ସତ ହୁଏ ତେବେ ଦୀର୍ଘ ୧୯ବର୍ଷ ବ୍ୟବଧାନ ପରେ ସଲମାନ-ଐଶ୍ୱର୍ଯ୍ୟା ପୁଣି ଥରେ ଏକାଠି କ୍ୟାମେରା ସାମ୍ନା କରିବେ। ଭଁସାଲୀଙ୍କ ହିଟ୍ ଫିଲ୍ମ 'ହମ୍ ଦିଲ୍ ଦେ ଚୁକେ ସନମ'ରେ ଦୁହେଁ ଶେଷ ଥର ପାଇଁ ଅଭିନୟ କରିଥିଲେ। ଅନ୍ୟପକ୍ଷରେ ସେ ସମୟରେ ଦୁହିଁଙ୍କର ପ୍ରେମ ଖୁବ୍ ଚର୍ଚ୍ଚିତ ଥିଲା। ହେଲେ ପରବର୍ତ୍ତୀ ସମୟରେ ବଡ଼ ପରଦାରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳି ନ ଥିଲା। ଭଁସାଲୀଙ୍କ ଐତିହାସିକ ଫିଲ୍ମ 'ପଦ୍ମାବତ୍'ରେ ଏହି ଯୋଡ଼ିକୁ ସେ ସାଇନ୍ କରାଇବାକୁ ଚାହୁଁଥିଲେ ବୋଲି ଆଲୋଚନା ହୋଇଥିଲା କିନ୍ତୁ ତାହା ସଫଳ ହୋଇପାରି ନ ଥିଲା। ତେବେ ବର୍ତ୍ତମାନ ଭଁସାଲୀ ଏହି ଯୋଡ଼ିକୁ ନିଜ ଫିଲ୍ମରେ ସାମିଲ କରିପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।

# ସାଙ୍ଗ ହେବ ଏମିତି

ପ୍ରିୟଙ୍କା ଚୋପ୍ରା ଏବେ କରୀନାଙ୍କ ପ୍ରଶଂସାରେ ଶତମୁଖ। ଯୁଆଡ଼େ ଗଲେ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ହେଲେ ସେଠାରେ ସେ ତାଙ୍କୁ ଏକ ନୂଆ ନାମରେ ସମ୍ବୋଧନ କରୁଛନ୍ତି। ତାହା ହେଲା 'ଛୋଟି ମା'। ଏଭଳି ପ୍ରଶଂସା ବିଷୟରେ ପ୍ରିୟଙ୍କା କହନ୍ତି, 'କରୀନାଙ୍କ ବ୍ୟକ୍ତିଗତ ଜୀବନ ମୋତେ ଅନେକ ପ୍ରଭାବିତ କରିଛି। ସେ ଜଣେ ଉଚ୍ଚକୋଟୀର ଅଭିନେତ୍ରୀ। ଭୂମିକା ଯେ କୌଣସି ପ୍ରକାରର ହେଉ ତାକୁ ନେଇ ଆଣି ଥୋଇବାରେ ସେ ବେଶ୍ ପାରଙ୍ଗମ। ସେ ମୋର ଜଣେ ଭଲ ସାଙ୍ଗ। ଆମର ବନ୍ଧୁତା ନିଶ୍ଚୟ ଅତୁଟ ରହିବ।' ପୁଣି ଛୋଟେ ନୱାବ (ତୈମୁର)ଙ୍କୁ ମଧ୍ୟ ବେଶ୍ ପ୍ରଶଂସା କରିଛନ୍ତି ପ୍ରିୟଙ୍କା।

# ଇମୋଶନାଲ କ୍ରିତି

ଓ ହୋ, ଏମିତି କୋମଳ ହୃଦୟ! ଜଣେ ନାରୀର ଦୁଃଖ କଥା ଆରମ୍ଭ ହେଉ ହେଉ ସେ ଇମୋଶନାଲ ହୋଇପଡ଼ିଲେ। କେବଳ ସେତିକି ନୁହେଁ କାହାଣୀ ଅଧା ଶୁଣୁଶୁଣୁ ତାଙ୍କ ଆଖି ଛଳ ଛଳ ହୋଇଉଠିଲା। ଆଉ ତାଙ୍କର ଏପରି ଅବସ୍ଥା ଦେଖି ବିଚରା ପ୍ରଯୋଜକ କାହାଣୀ ଆଲୋଚନା କିଛି ସମୟ ପାଇଁ ବନ୍ଦ କରିଦେଇଥିଲେ। ପାଖାପାଖି ଅଧ ଘଣ୍ଟାଏ ପରେ ପ୍ରକୃତ ଅବସ୍ଥାକୁ ଫେରିବା ପରେ ପୁଣି ପରେ କାହାଣୀ ଶୁଣିବାକୁ ବସିଥିଲେ। ହେଲେ ସେ କିଏ ଜାଣନ୍ତି ? କ୍ରିତି ସାନନ୍। ନିକଟରେ ତାଙ୍କୁ ଜଣେ ନୂଆ ପ୍ରଯୋଜକ ଏକ ନାରୀକୈନ୍ଦ୍ରିକ ସିନେମାରେ ଅଭିନୟ କରିବାକୁ ଅଫର ଦେଇଥିଲେ। କାହାଣୀ ଶୁଣିବାର କିଛି ସମୟ ପରେ ସେ ଇମୋଶନାଲ ହୋଇପଡ଼ିଥିଲେ। ଏ ସମ୍ପର୍କରେ କ୍ରିତି କହନ୍ତି, 'ଯେଉଁ କାହାଣୀକୁ ନେଇ ଫିଲ୍ମଟି ନିର୍ମାଣ କରାଯାଉଛି ତାହା ମୋତେ ବେଶ୍ ପ୍ରଭାବିତ କରିଛି। ନିଜ ଜୀବନର ପ୍ରତିଟି ପାହାଚରେ ସଂଘର୍ଷ କରିଥିବା ନାରୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ସଦୃଶ। କାହାଣୀ ଶୁଣିବାର କିଛି ସମୟ ପରେ ମୁଁ ଇମୋଶନାଲ ହୋଇପଡିଥିଲି। ଏପରି କି ମୋ ଆଖିରେ ଲୁହ ଆସିଯାଇଥିଲା। ଏହି ଫିଲ୍ମଟି ମୋ ଆକ୍ଟିଂ କ୍ୟାରିୟରରେ ଟର୍ନିଂ ପଏଣ୍ଟ ଆଣିବ ବୋଲି ଆଶା ରଖିଛି।'



କ୍ରିତି

# ସମୟ ନାହିଁ

ଅକ୍ଷୟ କୁମାରଙ୍କ ହାତରେ ଏବେ ସମୟ ନାହିଁ। ସେ ଏତେ ବ୍ୟସ୍ତ ଯେ ୩-୪ଟି ଭଲ ଅଫର ହାତଛଡ଼ା କରିଛନ୍ତି। ଖାସ୍ କଥା ହେଲା, ଚଳିତବର୍ଷ ତାଙ୍କର ପାଞ୍ଚଟି ଫିଲ୍ମ ରିଲିଜ୍ ହେବ। ସେଗୁଡ଼ିକ ହେଲା, 'ସୂର୍ଯ୍ୟବଂଶୀ', 'କେଶରୀ', 'ହାଉସଫୁଲ-୪', 'ମିଶନ୍ ମଙ୍ଗଳ' ଏବଂ 'ଗୁଡ ନ୍ୟୁଜ'। ଏକ ଯୁଦ୍ଧଭିତ୍ତିକ କାହାଣୀକୁ ନେଇ 'କେଶରୀ' ନିର୍ମିତ ହୋଇଛି। ଅକ୍ଷୟ ଏହାର ସହ-ପ୍ରଯୋଜନା ଦାୟିତ୍ୱରେ ଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଜିତେନ୍ଦ୍ର ସିଂ। ଅନ୍ୟପକ୍ଷରେ 'ମିଶନ ମଙ୍ଗଳ'ରେ ଅକ୍ଷୟଙ୍କ ବ୍ୟତୀତ ସରମନ ଜୋଷୀ, କୀର୍ତ୍ତି କୁଲହାରୀ, ତାପସୀ ପାନ୍ନୁ, ବିଦ୍ୟା ବାଲାନ, ସୋନାକ୍ଷୀ ସିହ୍ନା ମଧ୍ୟ ଅଭିନୟ କରିଛନ୍ତି। 'ଗୁଡ୍ ନ୍ୟୁଜ୍'ରେ ଅକ୍ଷୟଙ୍କ ସହ ଫିମେଲ ଲିଡ୍ରେ ଅଛନ୍ତି କରୀନା କପୁର। ରୋହିତ ସେଟ୍ଟିଙ୍କ 'ସୂର୍ଯ୍ୟବଂଶୀ'କୁ ନେଇ ବେଶ୍ ଆଶା ରଖିଛନ୍ତି ଅକ୍ଷୟ। ଗତ କିଛିବର୍ଷ ହେଲା ତାଙ୍କ ଅଭିନୀତ ଅଧିକାଂଶ ଫିଲ୍ମ ଭଲ ବିଜ୍ନେସ କରିଛି।ଏହିସବୁ ଚଳଚ୍ଚିତ୍ର ବି ଭଲ ବିଜ୍ନେସ କରିବ ବୋଲି ଆଶା କରାଯାଉଛି।



ଅକ୍ଷୟ



ସଲମାନ-ଐଶ୍ୱର୍ଯ୍ୟା



ପ୍ରିୟଙ୍କା

# ଲାଜକୁ କରିଛି ମନର ସାଥୀ, ଚାହିଁ ଚାହିଁ କଟେ ବିରହ ରାତି

**ପ୍ରଶ୍ନ**–ମୋ ମନର ମଣିଷ କେବେ ଆସିବ ଜାଣିନି। ହେଲେ ତାକୁ ନିଶ୍ଚୟ ଅପେକ୍ଷା କରିବି। ଏହି ଅପେକ୍ଷାର ଫଳ କ'ଣ ମିଠା ?

*–ଏସ.କେ., ବଡବିଲ, କେନ୍ଦୁଝର*

**ଉତ୍ତର:** ଅପେକ୍ଷାର ଫଳ ମିଠା–ଏହାକୁ ଅନେକ ବିଶ୍ୱାସ କରନ୍ତି। ପ୍ରେମର ରଙ୍ଗିନ ମିନାର ବିଶ୍ୱାସର ମୂଳଦୁଆ ଉପରେ ଠିଆ ହୋଇଥାଏ। ଯଦି ସେଥିରେ ଏପଟସେପଟ ହେଲା ତେବେ କେତେବେଳେ ଏହି ମିନାର ଭାଙ୍ଗିପଡିବ ତାହା କଳନା କରିହେବ ନାହିଁ। ହେଲେ ଆପଣଙ୍କ ପ୍ରଶ୍ନରୁ ଏତିକି ଅନୁମାନ କରିହେଉଛି ଯେ ନିଜ ଉପରେ ଆପଣଙ୍କର ଭରସା ରହିଛି। ସେଥିପାଇଁ ମନର ମଣିଷକୁ 'ନିଶ୍ଚୟ ଅପେକ୍ଷା କରିବି' ବୋଲି କହୁଛନ୍ତି। ବାସ୍, ସେହି ଆତ୍ମବିଶ୍ୱାସକୁ କଦାପି ଭାଙ୍ଗିବାକୁ ଦିଅନ୍ତୁ ନାହିଁ। ଦେଖିବେ ହଠାତ୍ ଦିନେ ଆପଣଙ୍କର ମନର ମଣିଷ ଆସି ଆପଣଙ୍କ ସାମ୍ନାରେ ଉଭା ହେବ।

**ପ୍ରଶ୍ନ**–ପ୍ରେମିକାମାନେ ଭାରି ଲାଜେଇ। କାହିଁକି ?

*–ସୁମନ ସାହୁ, ପାରାଦୀପ*

**ଉତ୍ତର:** ଲାଜ ଝିଅଙ୍କର ଗହଣା। ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ଲାଜକୁ ସାଥୀ କରି ନିଜ ଆଶାକୁ ପୂରଣ କରିବାକୁ ଆଗେଇବା। ବେଳେ କେତେକେ ବିରହରେ ରାତି କଟାଇଥାଆନ୍ତି। ଅର୍ଥାତ୍, 'ଲାଜକୁ କରିଛି ମନର ସାଥୀ ଚାହିଁ ଚାହିଁ କଟେ ବିରହ ରାତି'। ହେଲେ ଯଦି ଆପଣଙ୍କ ଆଶାରେ ଟିକେ ହେଲେ ଆବିଳତା ନ ଥିବ ତେବେ ତାହା ପ୍ରାୟ ପୂରଣ ହେବ ବୋଲି ଧରି ନେଲେ ଅସୁବିଧା କ'ଣ ? ହେଲେ ବେଳେବେଳେ ଏହି ଆଶା ମଧ୍ୟ ଧୋକା ଦେଇଥାଏ। ତେଣୁ ଆଶା ତାହାର ସୀମା ଭିତରେ ରହିଲେ ଭଲ।

**ପ୍ରଶ୍ନ**– ଥରେ ଜଣେ ସୁନ୍ଦରୀ ସହ ଭେଟ ହୋଇଗଲା। ତା' ସହ କିଛି ସମୟ କଥା ହେବା ଭିତରେ ମୁଁ ତାକୁ ପ୍ରେମ କରିବସିଲି। ସେ ମଧ୍ୟ ମୋ ମୁହଁକୁ ଚାହିଁ ମୁରୁକି ମୁରୁକି ହସିଲା। ତେବେ କ'ଣ ଭାବି ନେବି ଯେ ସେ ମୋ ମନର କଥା ଜାଣିପାରିଛି ?

*–ଅବିନାଶ ନନ୍ଦ, ଅନୁଗୋଳ*

**ଉତ୍ତର:** କେବଳ ମନ କଥା କହିଦେଲେ ପ୍ରେମ ହୁଏନା। ବେଳେବେଳେ ଇସାରା ଇସାରାରେ ପ୍ରେମ ସୃଷ୍ଟି ହୋଇଥାଏ। ସେହି ସୁନ୍ଦରୀର ମୁରୁକି ହସରେ ତା' ମନର କଥା ରହିଛି। ତାକୁ ଯଦି ଭଲ ଭାବରେ ପଢ଼ିପାରିଛନ୍ତି ତେବେ ଡେରି ନ କରି ବହି ଫିଟ୍ କରନ୍ତୁ। ନ ହେଲେ ଆପଣ ତା' ହୃଦୟ ସିଂହାସନରେ ବସିବା ପୂର୍ବରୁ ଆଉ କେହି ସେ ସ୍ଥାନକୁ ଅଧିକାର କରିନେବା ଅସମ୍ଭବ ନୁହେଁ।

**ପ୍ରଶ୍ନ**–ଥରେ ଜଣେ ଝିଅକୁ 'ଆଇ ଲଭ୍ ୟୁ' କହିଥିଲି। ସେ ମୋତେ କିଛି ନ କହି ଚାଲିଗଲା। ଏବେ ସେ ମୋତେ ଦେଖିଲେ ବାଟ କାଟି ଚାଲି ଯାଉଛି। ତେବେ ତାକୁ ପ୍ରେମିକା ବୋଲି ଗ୍ରହଣ କରି ଆଗେଇବା ଠିକ୍ ହେବ କି ?

*–ସାଗର ଦାସ, ନୂଆପଡା*

**ଉତ୍ତର:** ଏହି ପ୍ରେମରେ କାହିଁକି ଅଲଗା ବାସ୍ନା ଆସୁଛି। ଯଦି ସେ ଝିଅ ଆପଣଙ୍କର 'ଆଇ ଲଭ୍ ୟୁ' ଅଫରକୁ ସ୍ୱୀକାର କରିଥାଆନ୍ତା ତେବେ ପାଣିପାଗରୁ କେବଳ ପ୍ରେମ ବାସ୍ନା ଆସୁଥାଆନ୍ତା। ପୁଣି ଏବେ ସେ ଆପଣଙ୍କୁ ଦେଖିଲେ ବାଟ କାଟି ଚାଲିଯାଉଛି। ଏହାର ଅର୍ଥ ସେହି ପ୍ରେମ ଆରମ୍ଭରୁ ପାଣିଚିଆ ହୋଇଯାଇଛି। ତେଣୁ ସେଭଳି ପ୍ରେମ ଆଉ ପ୍ରେମିକାଠାରୁ ଶୀଘ୍ର ଦୂରେଇ ଯିବା ଭଲ ହେବ।

**ପ୍ରଶ୍ନ**–ପ୍ରେମ ଦୁନିଆରେ ଯେତେବେଳେ ପାଦ ଦେଲି ସେତେବେଳେ ଭାରି ମଜା ଲାଗୁଥିଲା। ହେଲେ ଅଧା ବାଟରେ ମୋ ପ୍ରେମିକା ମୋ ହାତ ଛାଡି ଚାଲିଗଲା। ଏବେ କ'ଣ କରିବି ମୋତେ ବୁଦ୍ଧି ଦେଖାଯାଉନାହିଁ।

*–ଅତୀଶ ନାୟକ, ଫୁଲବାଣୀ*

**ଉତ୍ତର:** ପ୍ରେମ ନିଶାରେ ବାଉଳା ହୋଇ କିଛି ବୋଧହୁଏ ଏପଟସେପଟ ହୋଇଯାଇଛି। ପୁଣି ଅଧା ବାଟରେ ଏକୁଟିଆ କରି ପ୍ରେମିକା ଚାଲିଯାଇଛି। ତେଣୁ ସେଭଳି ସ୍ୱାଦହୀନ, ରଙ୍ଗହୀନ ପ୍ରେମକୁ ନେଇ ଆଗେଇବା କେତେଦୂର ଠିକ୍ ଥରେ ନିଜେ ଚିନ୍ତା କରନ୍ତୁ।



**ସାଥୀ**

## ପ୍ରଥମ ରୋଜଗାର



ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଡିଜାଇନିଂ(ଏନ୍ଆଇଏଫ୍‌ଡି)ର ଡାଇରେକ୍ଟର ତଥା ସାମାଜିକ କର୍ମୀ ସନ୍ଧ୍ୟା ପଟ୍ଟନାୟକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମା ବାପାଙ୍କୁ ଦେଇଥିଲି

ଜନ୍ମ, ପାଠପଢ଼ା ସବୁକିଛି ମୋର ଭୁବନେଶ୍ୱରରେ। ୟୁନିଟ୍–୬ ବାଳିକା ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ରମାଦେବୀ କଲେଜରେ ପଢ଼ିଥିଲି। ତା'ପରେ ବାଣୀବିହାରରେ ରାଜନୀତି ବିଜ୍ଞାନରେ ପି.ଜି. କଲି। ଆଉ ତା'ପରେ ହୋଟେଲ୍ ମ୍ୟାନେଜ୍‌ମେଣ୍ଟ ବି କରିଥିଲି। ପଢ଼ା ସରିବା ପରେ 'କେୟାର୍ ଇଣ୍ଡିଆ'ରେ ମୋତେ କେୟାର ଅଫିସର୍ ଭାବେ ନିଯୁକ୍ତି ମିଳିଲା। ଏହା ହେଉଛି ୧୯୯୨ ମସିହାର କଥା। ପ୍ରଥମେ କିଛିଦିନ ଟ୍ରେନିଂ ଦିଆଗଲା। ଆଉ ସେହି ସମୟରେ ମୋତେ ୨୭୫୦ଟଙ୍କା ଦରମା ମିଳୁଥିଲା। ଦରମା ଆଣି ବାପାଙ୍କ ହାତରେ ଦେଇଥିଲି, ବାପା ସେଦିନ ବହୁତ ଖୁସି ହୋଇଯାଇଥିଲେ। ପାଖାପାଖି ୭ ବର୍ଷ ଏହି ଅନୁଷ୍ଠାନରେ କାମ କରିବା ଭିତରେ ମୁଁ ବିଭିନ୍ନ ସ୍ଥାନ ବୁଲିବାର ସୁଯୋଗ ପାଇଥିଲି। ଆଉ ତା'ରି ମଧ୍ୟରେ ଲକ୍ଷ୍ୟ କଲି ବାହାରେ ଫ୍ୟାଶନ ଡିଜାଇନିଂର ଭଲ କ୍ରେଜ୍ ରହିଛି। ହେଲେ ଆମ ଓଡ଼ିଶାରେ ସେତେବେଳ ପର୍ଯ୍ୟନ୍ତ କେହି ବି ଏହି ଲାଇନ୍‌ରେ ସେମିତି ଆଖି ଦୃଶିଆ ସଫଳତା ହାସଲ କରିପାରି ନାହାନ୍ତି। ଏହାକୁ କ୍ୟାରିୟର୍ କରିବା ପାଇଁ ଅନେକ ପ୍ରତିଭାସମ୍ପନ୍ନ ଯୁବପିଢ଼ି ଇଚ୍ଛୁକ ଥିଲେ ବି ସେମାନଙ୍କୁ ଠିକ୍ ସୁବିଧା ସୁଯୋଗ ମିଳିପାରୁନାହିଁ। ଯଦ୍ୱାରା ସେମାନେ ଆଢୁଆଳରେ ରହି ଯାଉଛନ୍ତି। ତେଣୁ ଓଡ଼ିଶାରେ ଫ୍ୟାଶନ ଡିଜାଇନିଂ ଇଣ୍ଡଷ୍ଟ୍ରିକୁ ଆଗକୁ ଆଗେଇ ନେବା ପାଇଁ କେୟାର ଇଣ୍ଡିଆ ଚାକିରି ଛାଡ଼ି ଦିଲ୍ଲୀରେ ୬ ମାସର ଫ୍ୟାଶନ ଡିଜାଇନିଂ କୋର୍ସ କଲି। ଆଉ ତା'ପରେ ୨୦୦୨ରେ ଭୁବନେଶ୍ୱରରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଡିଜାଇନିଂ (ଏନ୍ଆଇଏଫ୍‌ଡି) ନାମରେ ଏକ ଶିକ୍ଷା ଅନୁଷ୍ଠାନ ଖୋଲିଲି। ତା'ସହିତ ଭୁବନେଶ୍ୱର ନର୍ସରି ଟିଚର୍ସ ଟ୍ରେନିଂ ନାମରେ ଏକ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ବି ସ୍ଥାପନ କଲି। ପ୍ରାଥମିକ ପର୍ଯ୍ୟାୟରେ ଏନ୍ଆଇଏଫ୍‌ଡିରେ କେବଳ ୬ ମାସିଆ ତଥା ବର୍ଷକିଆ ଫ୍ୟାଶନ ଡିଜାଇନିଂ କୋର୍ସ କରିବାର ସୁବିଧା ଥିଲା। ହେଲେ ୨୦୦୪ରେ ଓଡ଼ିଶା ସରକାର ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ତରଫରୁ ସ୍ୱୀକୃତି ମିଳିବା ପରେ ଛାତ୍ରୀଛାତ୍ରଙ୍କୁ ଏଠାରେ ଡିଗ୍ରୀ କୋର୍ସ କରିବାର ସୁଯୋଗ ମିଳିଲା। ସେବେଠାରୁ ଏନ୍ଆଇଏଫ୍‌ଡିରେ ଟେକ୍ସଟାଇଲ୍, ଫ୍ୟାଶନ ଏବଂ ଇଣ୍ଟେରିୟର୍ ଡିଜାଇନିଂ ଉପରେ ଡିଗ୍ରୀ କୋର୍ସ ପ୍ରଦାନ କରାଯାଉଛି। ଏସବୁ ବ୍ୟତୀତ ସେଣ୍ଟ୍ରାଲ୍ ଏକାଡେମୀ ନାମରେ ଏକ ସିବିଏସ୍‌ଇ ଇଂଲିଶ ମିଡିୟମ୍ ସ୍କୁଲର ଚେୟାର୍‌ପର୍ସନ, ଦୁଇଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସେକ୍ରେଟାରୀ ଦାୟିତ୍ୱ ବି ମୁଁ ତୁଲାଉଛି। ସେହିପରି ଦୁଇଟି ବୁଟିକ୍ ବି ମୋର ରହିଛି। ତା'ଛଡ଼ା ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସର ଜଣେ ସକ୍ରିୟ ସଦସ୍ୟ ହେବା ସହିତ ଭୁବନେଶ୍ୱର ଇନ୍ନର ହୁଇଲ୍ କ୍ଲବର ଜଣେ ସଦସ୍ୟ ଭାବେ ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ସାମିଲ କରି ଆତ୍ମସନ୍ତୋଷ ପାଇପାରୁଛି।

–ଅସ୍ମିତା





# ଆରଡିରେ ମହାଶିବରାତ୍ରି

ପ୍ରତିବର୍ଷ ଫାଲ୍‌ଗୁନ ମାସ ପବିତ୍ର ଚତୁର୍ଦ୍ଦଶୀ ତିଥିରେ ବିଭିନ୍ନ ଶୈବପୀଠରେ ମହା ଶିବରାତ୍ରି ଅନୁଷ୍ଠିତ ହୋଇଥାଏ । ଭଦ୍ରକ ଜିଲାରେ ଅବସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡିରେ ଏହି ଉତ୍ସବର ପାଳନ ରୀତିନୀତି ଟିକେ ନିଆରା । ଏହି ପବିତ୍ର ଦିନରେ ଭୋର ସାଢେ ୩ଟାରେ ମନ୍ଦିର ପହୁଡ ଖୋଲାଯାଇଥାଏ । ୪ଟାରେ ବଡପଣ୍ଡାଙ୍କ ଦାୟାଦ କରିଥାନ୍ତି ମଙ୍ଗଳ ଆଳତି । ଏହାକୁ ଦର୍ଶନ କରିବା ପାଇଁ ହଜାର ହଜାର ଭକ୍ତଙ୍କ ଭିଡ ହୋଇଥାଏ ।

**କନିକା ରାଜାଙ୍କ ଦ୍ୱାରା ହୁଏ ପହିଲି ଭୋଗ :** ମଙ୍ଗଳ ଆଳତି ପରେ ବାବାଙ୍କୁ ସମର୍ପଣ କରାଯାଏ ପହିଲି ଭୋଗ, ଯାହାକୁ ଭକ୍ତି ଓ ନିଷ୍ଠାରେ ଲାଗି କରିଥାନ୍ତି କନିକା ରାଜା । ସୁବର୍ଣ୍ଣ ଥାଳିରେ ରାଜା ପହିଲି ଭୋଗରେ ଖଜା, ନିସଙ୍କୁଡି, ନବାତ, ଗଜା, ଲଡ୍ଡୁ, ଛେନାମିଠା, ବିଭିନ୍ନ ପ୍ରକାର ଫଳ ସମର୍ପିତ ହୋଇଥାଏ । ତା'ପରେ ଭକ୍ତମାନଙ୍କ ଦ୍ୱାରା ପ୍ରଦତ୍ତ ଭୋଗ ବାବାଙ୍କ ନିକଟରେ ଲାଗି କରାଯାଏ ।

**ଦିଗମ୍ବର ବେଶରେ ଦର୍ଶନ ଦିଅନ୍ତି ବାବା :** ମଙ୍ଗଳ ଆଳତି ପରେ ବାବାଙ୍କ ପୂର୍ବରାତିର ବଡସିଂହାର ବେଶ ଖୋଲି ଦିଆଯାଏ । ତା'ପରେ ପ୍ରଭୁଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଏ । ଏହି ବେଶ ପ୍ରଭୁଙ୍କ ସୁନାବେଶ ହେବା ପର୍ଯ୍ୟନ୍ତ ରହିଥାଏ । ମହାଶିବରାତ୍ରିରେ ଏହି ବେଶ ଦର୍ଶନ କଲେ ବହୁଜନ୍ମର ପୁଣ୍ୟ ମିଳେ ବୋଲି ପୁରାଣ ଶାସ୍ତ୍ରରେ ଉଲ୍ଲେଖ ରହିଛି ।

**ଦିନରାତି ହୁଏ ଘର୍ଷଣ :** ପ୍ରତିଦିନ ବାବାଙ୍କ ପାଖରେ ମଧ୍ୟାହ୍ନ ପର୍ଯ୍ୟନ୍ତ ଘର୍ଷଣ ହୋଇଥାଏ । କଞ୍ଚାକ୍ଷୀର, ଗୁଡ, ମହୁ, କଦଳୀ, ନଡିଆ, ଦହି, ଛେନା, ଲହୁଣି, ବିଭିନ୍ନ ଫଳମୂଳକୁ ନେଇ ଘର୍ଷଣ ପ୍ରସ୍ତୁତ ହୁଏ । ଏହାକୁ ବାବାଙ୍କ ମସ୍ତକରେ ଘଷା ଯାଇଥାଏ । କିନ୍ତୁ ମହାଶିବରାତ୍ରି ଦିନ ଅର୍ଦ୍ଧରାତ୍ରରେ ସୁନାବେଶ ହେବା ପର୍ଯ୍ୟନ୍ତ ବାବାଙ୍କ ପାଖରେ ଘର୍ଷଣ ହୋଇଥାଏ ।

**ଶିବରାତ୍ରି ପାଇଁ ତୁଳସୀପତ୍ର ଘର୍ଷଣ :** ପ୍ରତିଦିନ ବାବାଙ୍କ ପାଖରେ ହେଉଥିବା ଘର୍ଷଣରେ ବେଲପତ୍ର ପଡିଥାଏ । ହେଲେ ଶିବରାତ୍ରିରେ ଘର୍ଷଣରେ ତୁଳସୀପତ୍ର ଘର୍ଷଣରେ ପଡିଥାଏ । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡି କେବଳ ଶୈବ ଓ ଶାକ୍ତଙ୍କ ପାଇଁ ପୂଜନ କ୍ଷେତ୍ର ନୁହଁ; ବୈଷ୍ଣବମାନେ ବି ପ୍ରଭୁଙ୍କୁ ପୂଜାକରି ପାରିବେ । କେବଳ ସେତିକି ନୁହେଁ ପୀଠର ସେବାୟତମାନେ ବର୍ଷର ଗୋଟିଏ ଦିନ ଅର୍ଥାତ ଶିବରାତ୍ରିରେ ଘର୍ଷଣ ସେବନ କରିଥାନ୍ତି ।

**ବାରପଡାରେ ଜାଗର ଦୀପ :** ସଂଧ୍ୟା ଠାରୁ ରାତ୍ରିର ଅନ୍ତିମ ପ୍ରହର ପର୍ଯ୍ୟନ୍ତ ପୀଠରେ ଶ୍ରଦ୍ଧାଳୁମାନେ ଜାଗର ଦୀପ ଜାଳିଥାନ୍ତି । ଶୁଦ୍ଧ ଗୁଆ ଘିଅକୁ ଦୀପରେ ଦେଇ ଭକ୍ତ ମାନେ ଶିବଗଙ୍ଗା ପୁଷ୍କରିଣୀର ଚତୁଃପାର୍ଶ୍ୱରେ ଜାଗର ଦୀପ ଜାଳିଥାନ୍ତି । ସେହିପରି ପୀଠ ଚାରିପଟେ ଥିବା ବାରପଡା ଅଞ୍ଚଳ (୧୨ ଖଣ୍ଡ ଗାଁ)ର ପ୍ରତି ଘର ଦୁଆରେ ବାବା ଆଖଣ୍ଡଳମଣିଙ୍କ ଲାଗି ଜାଗର ଦୀପ ଜଳାଯାଏ ।

**ଜାଗର ଦୀପ ପ୍ରସ୍ତୁତି :** ଆରଡି ସନ୍ନିକଟ ଦୋହରାପାଟଣାର କୁମ୍ଭକାର ସଂପ୍ରଦାୟ ବାବାଙ୍କ ଜାଗର ପାଇଁ ପ୍ରସ୍ତୁତ କରନ୍ତି ମହାଦୀପ । ମାଟିରେ ପ୍ରସ୍ତୁତ ଏହି ଦୀପରେ ପ୍ରାୟ ୨୦ କି.ଗ୍ରା. ଘିଅ ଧରିଥାଏ । ଦିନସାରା ପୀଠରେ ରଖାଯାଇଥିବା ହଣ୍ଡାରେ ଭକ୍ତ, ସେବାୟତ, ମନ୍ଦିର ପ୍ରଶାସନର ଅଧିକାରୀମାନଙ୍କ ପ୍ରଦତ୍ତ ଘିଅ ଏହି ଦୀପରେ ରଖାଯାଇଥାଏ । ଏକ ଛୋଟ ଗାମୁଛାକୁ ବଳିତା ରୂପେ ବ୍ୟବହାର କରାଯାଇଥାଏ । ମହାଦୀପ ପାଇଁ ଘିଅ ଦେଲେ ବର୍ଷ ତମାମ ଘର ପୋଡିର ଆଶଙ୍କା ନ ଥାଏ ବୋଲି ବିଶ୍ୱାସ ରହିଛି ।

**ମନକିଣେ ସୁନାବେଶ:** ମହାଶିବରାତ୍ରିରେ ମଧ୍ୟରାତ୍ରରେ ବାବା ଆଖଣ୍ଡଳମଣିଙ୍କୁ ସୁନାବେଶରେ ସଜ୍ଜିତ କରାଯାଏ । ଏହି ସୁନା ବେଶ ପାଇଁ ବ୍ୟବହୃତ ଅଳଙ୍କାର ରତ୍ନ ଭଣ୍ଡାରରୁ ବାହାର କରାଯାଏ । ସ୍ୱର୍ଣ୍ଣ ନିର୍ମିତ ଚକ୍ଷୁ, ନାସିକା, କର୍ଣ୍ଣ, ଅଧର, ୧୦୮ କଣ୍ଠିହାର ପ୍ରଭୁଙ୍କ ଶରୀରରେ ପରିଧାନ କରାଯାଇଥାଏ । ଏହି ସୁନାବେଶକୁ ପ୍ରଥମେ ସେବାୟତଙ୍କ ପରିବାର ଲୋକେ, ତା'ପରେ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଦର୍ଶନ କରିବାର ସୁଯୋଗ ପ୍ରଦାନ କରାଯାଇଥାଏ । ତା'ପରେ ସର୍ବସାଧାରଣଙ୍କ ଲାଗି ଏହି ସୁନାବେଶ ଦର୍ଶନର ସୁଯୋଗ ପ୍ରଦାନ କରାଯାଇଥାଏ ।

**ରୁଷନ୍ତି ସେବାୟତ:** ପରମ୍ପରା ଅନୁସାରେ ଏକ ନିର୍ଦ୍ଦିଷ୍ଟ ସେବାୟତ ପରିବାରର ବ୍ୟକ୍ତି ମହାଦୀପ ଦେଉଳ ଚୂଡାକୁ ନେଇଥାନ୍ତି । ନିଜ ମୁଣ୍ଡ ଉପରେ ମହାଦୀପ ରଖି ସେ ମନ୍ଦିରର ଅଗ୍ରଭାଗକୁ ଉଠିଥାନ୍ତି । ମହାଦୀପ ଉଠିବା ପୂର୍ବରୁ ସେବାୟତମାନଙ୍କ ମଧ୍ୟରୁ ୧୧ ଜଣ ମହାଦୀପ ଉଠାଉଥିବା ବ୍ୟକ୍ତିଙ୍କ ଘରକୁ ଆମନ୍ତ୍ରଣ କରିବା ପାଇଁ ଯାଆନ୍ତି । ସେବାୟତମାନେ ଯିବା ପୂର୍ବରୁ ସେ ଲୁଚିଥାନ୍ତି । ବହୁ ଖୋଜାଖୋଜି ପରେ ତାଙ୍କୁ ପାଇ ତାଙ୍କର ମାନଭଞ୍ଜନ କରାଇଥାନ୍ତି । ଏହି ବିଧି ବହୁ ପ୍ରାଚୀନ ବୋଲି ବୟସ୍କ ସେବାୟତମାନେ ମତବ୍ୟକ୍ତ କରନ୍ତି ।

**ରାତ୍ରିର ଅନ୍ତିମ ପ୍ରହରରେ ଉଠେ ମହାଦୀପ :** ମହା ଶିବରାତ୍ରିରେ ଓଡିଶାର ପ୍ରାୟ ସମସ୍ତ ଶିବ ମନ୍ଦିରରେ ଅର୍ଦ୍ଧରାତ୍ର ପୂର୍ବରୁ ମହାଦୀପ ଉଠିବାର ବିଧି ରହିଛି । ହେଲେ ଆରଡିରେ ଏହା ସ୍ୱତନ୍ତ୍ର । ରାତ୍ରିର ଅନ୍ତିମ ପ୍ରହରରେ ଏଠାରେ ଉଠେ ମହାଦୀପ । ଶ୍ରଦ୍ଧାଳୁମାନେ ଏହି ମହାଦୀପ ଦର୍ଶନ କରି ନିଜର ଜାଗର ବ୍ରତ ଭଙ୍ଗ କରନ୍ତି । ଯେଉଁମାନେ କୌଣସି କାରଣରୁ ମହାଦୀପ ଦର୍ଶନ କରି ପାରି ନ ଥାନ୍ତି ସେମାନେ ପୀଠରେ ୩ ଦିନ ପର୍ଯ୍ୟନ୍ତ ମନ୍ଦିର ଚୂଡାରେ ଥିବା ଏହି ମହାଦୀପକୁ ଦର୍ଶନ କରିଥାନ୍ତି ।

ଉପସଂହାରରେ ଏତିକି କୁହାଯାଇପାରେ ଯେ, ଶୈବପୀଠ ମଧ୍ୟରେ ଆରଡ଼ି ଯେମିତି ସ୍ୱତନ୍ତ୍ର ଏଠାକାର ମହାଶିବରାତ୍ରି ମଧ୍ୟ ସେତିକି ନିଆରା । ଭକ୍ତିରେ ଡାକିଲେ ଓ'କରୁଥିବା ପ୍ରତ୍ୟକ୍ଷଦେବତା ବାବା ଆଖଣ୍ଡଳମଣିଙ୍କର ଏହି ଲୀଳା ସ୍ୱୟଂ ତାଙ୍କ ଦ୍ୱାରା ନିର୍ଣ୍ଣିତ ବୋଲି ଲୋକବିଶ୍ୱାସ ।

**-ଦୀପ୍ତିରଞ୍ଜନ ନାୟକ**





## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ପ୍ରିୟଙ୍କା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଯାହା ଆସୁଛି

ନୂଆ ବୋହୂକୁ ଶାଶୁ- ଆଜି ରୋଷେଇ ଘରେ ତୋର ପ୍ରଥମ ଦିନ। ତତେ ଯାହା ଆସୁଛି ତିଆରି କରେ।
କିଛି ସମୟ ପରେ ବୋହୂ ହାତରେ ଦୁଇଟି ଗ୍ଲାସ୍ ଧରି ରୋଷେଇ ଘରୁ ବାହାରି- ମା' ଆପଣ ସୋଡ଼ା ସହ ନେବେ ନା ପାଣିରେ ?

### ରକ୍ତ ଶୋଷିବ

ରାତି ଅଧରେ ସ୍ତ୍ରୀ ସ୍ୱାମୀଙ୍କୁ ଜୋର୍‌ରେ ଗୋଇଠା ମାରିଲେ। ସ୍ୱାମୀ ଧଡ଼ପଡ଼ ହୋଇ ଉଠି- ଗୋଇଠା କାହିଁକି ମାରିଲ ?
ସ୍ତ୍ରୀ- ମଶା ବସିଥିଲା।
ସ୍ୱାମୀ- ତା'ବୋଲି କ'ଣ ଏତେ ଜୋର୍‌ରେ ମାରିବ ?
ସ୍ତ୍ରୀ- ମୁଁ କେବେବି ସହି ପାରିବିନି ମୋ ଛଡ଼ା ଆଉ କେହିବି ତୁମ ରକ୍ତ ଶୋଷୁ।

### ଫୁଟବଲ୍

ପପୁ ଡାକ୍ତରଙ୍କୁ- ଆଜ୍ଞା ମୁଁ ଯେତେବେଳେ ବି ଶୋଉଛି ସ୍ୱପ୍ନରେ ମାଙ୍କଡ଼ ଫୁଟବଲ୍ ଖେଳୁଥିବା ଦେଖୁଛି।
ଡାକ୍ତର- ହଉ, ଠିକ୍ ଅଛି ଆଜିଠୁ ଏଇ ଔଷଧ ଶୋଇବା ପୂର୍ବରୁ ଖାଇଦେବ। ଆଉ ସେମିତି ସ୍ୱପ୍ନ ଦେଖିବନି।
ପପୁ- ଆଜି ନୁହଁ, କାଲିଠୁ ଖାଇବି। କାହିଁକି ନା ଆଜି ଫାଇନାଲ୍ ମ୍ୟାଚ୍ ଅଛି।

# କୋଟିଲିଙ୍ଗେଶ୍ୱର



**କୋ**ଟିଲିଙ୍ଗେଶ୍ୱର ମନ୍ଦିର କର୍ନାଟକର କୋଲାର ଜିଲା ଅନ୍ତର୍ଗତ କାମ୍ମାସାନ୍ଦ୍ରା ନାମକ ଏକ ଗାଁରେ ଅବସ୍ଥିତ। ବାବା ଭୋଳାନାଥଙ୍କର ଏକ ଅଦ୍ୱିତୀୟ ତଥା ବିଶାଳ ଶିବଲିଙ୍ଗ ପାଇଁ ଏହି ମନ୍ଦିର ବେଶ୍ ପ୍ରସିଦ୍ଧ। ଭୋଳାନାଥଙ୍କର ଏହି ବିଶାଳ ଶିବଲିଙ୍ଗଟି କୋଟିଲିଙ୍ଗେଶ୍ୱର ନାମରେ ଜଣାଯାଇଥାଏ। କାରଣ ଏହି ବିଶାଳ ଶିବଲିଙ୍ଗଙ୍କୁ ଘେରି ରହିଛି ଛୋଟ ବଡ଼ ହୋଇ କୋଟିଏ ପାଖାପାଖି ଅନ୍ୟ ଶିବଲିଙ୍ଗ। ଫଳରେ ଏଠାକାର ଭକ୍ତିପୂର୍ଣ୍ଣ ପରିବେଶ ପ୍ରତି ମୁହୂର୍ତ୍ତରେ ଆକୃଷ୍ଟ କରୁଛି ଶ୍ରଦ୍ଧାଳୁଙ୍କୁ।

## ମନ୍ଦିରର ବିଶେଷତ୍ୱ

ସୂଚନାନୁଯାୟୀ, ପ୍ରାୟ ୧୫ ଏକର ପରିସୀମାବ୍ୟାପ୍ତ ଏହି ମନ୍ଦିର ମଧ୍ୟକୁ ପ୍ରବେଶ କରିବା ମାତ୍ରେ ଯୁଆଡ଼େ ଚାହିଁବେ ସିଆଡ଼େ ଖାଲି ଶିବଲିଙ୍ଗ ହିଁ ଦେଖାଯିବେ। ବିଶେଷକରି ଏଠାକାର ମୁଖ୍ୟ ଆକର୍ଷଣ କୁହାଯାଉଥିବା ବାବା ଭୋଳାନାଥଙ୍କର ପ୍ରାୟ ୧୦୮ ଫୁଟ ଉଚ୍ଚତାବିଶିଷ୍ଟ ଏକ ବିଶାଳ ଶିବଲିଙ୍ଗ ଭକ୍ତଗଣଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ସେହିପରି ମନ୍ଦିର ବେଢ଼ାରେ ମୁଖ୍ୟ ଶିବଲିଙ୍ଗଙ୍କୁ ଘେରି ରହିଥିବା କୋଟିଏ ପାଖାପାଖି ଅନ୍ୟ ଛୋଟ ବଡ଼ ଶିବଲିଙ୍ଗଙ୍କୁ ଦେଖିଲେ କେହି ବି ଆଶ୍ଚର୍ଯ୍ୟ ହୋଇଯିବେ ଯେ, କାହିଁକି ଏତେସଂଖ୍ୟାରେ ଶିବଲିଙ୍ଗଙ୍କୁ ଏଠାରେ ସ୍ଥାପନା କରାଯାଇଛି? ପ୍ରକୃତପକ୍ଷେ ଏତେସଂଖ୍ୟାରେ ଶିବଲିଙ୍ଗଙ୍କର ସ୍ଥାପନ ହେବା ପଛରେ ଭକ୍ତମାନଙ୍କର ଶ୍ରଦ୍ଧା ଓ ବିଶ୍ୱାସ ହେଉଛି ମୁଖ୍ୟ କାରଣ। ଯେଉଁ ଭକ୍ତ ମନରେ କିଛି ଇଚ୍ଛା ନେଇ ଏଠାକୁ ଦର୍ଶନ ନିମନ୍ତେ ଆସିଥାନ୍ତି, ଯଦି ସେମାନଙ୍କର ମନୋସ୍କାମନା ପୂରଣ ହୋଇଯାଏ, ତା'ହେଲେ ସେମାନେ ନିଜ ସାମର୍ଥ୍ୟ ମତେ ଖୁସିରେ ୧ ଫୁଟରୁ ୩ ଫୁଟ ଉଚ୍ଚତାବିଶିଷ୍ଟ ଶିବଲିଙ୍ଗଙ୍କୁ ନିଜ ନାମରେ ଏଠାରେ ସ୍ଥାପନା କରି ଯାଇଥାନ୍ତି। ଏହା ମହାଦେବଙ୍କର ହିଁ ମହିମା, ଯେଉଁଥିପାଇଁ ଏହି ମନ୍ଦିରରେ ଏବେ ଶିବଲିଙ୍ଗ ସଂଖ୍ୟା କୋଟିଏ ପାଖାପାଖି ପହଞ୍ଚିଗଲାଣି।

**କର୍ନାଟକର କୋଲାର ଜିଲାରେ ଅଛି ଏମିତି ଏକ ଶୈବପୀଠ, ଯାହା କୋଟିଲିଙ୍ଗେଶ୍ୱର ନାମରେ ପରିଚିତ। ପ୍ରାୟ କୋଟିଏ ସଂଖ୍ୟାର ଶିବଲିଙ୍ଗ ସହିତ ଏକ ବିଶାଳ ଶିବଲିଙ୍ଗ ହେଉଛି ଏଠାକାର ମୁଖ୍ୟ ଆକର୍ଷଣ...**



## ଆଉ କ'ଣ ଦେଖିବେ

ମନ୍ଦିର ପରିସରରେ ଥିବା ବିଶାଳ ଶିବଲିଙ୍ଗଙ୍କ ସମ୍ମୁଖରେ ପ୍ରାୟ ୩୫ ଫୁଟ ଉଚ୍ଚତାବିଶିଷ୍ଟ ନନ୍ଦୀ (ବୃଷଭ)ଙ୍କର ଏକ ଭବ୍ୟ ପ୍ରତିମା ମଧ୍ୟ ସ୍ଥାପନା କରାଯାଇଛି। ତେବେ ନନ୍ଦୀଙ୍କର ପ୍ରତିମାକୁ ଯେଉଁ ମଣ୍ଡପ ଉପରେ ସ୍ଥାପନା କରାଯାଇଛି, ତା'ର ଉଚ୍ଚତା ପ୍ରାୟ ୪ ଫୁଟ, ଲମ୍ବା ୬୦ ଫୁଟ ଏବଂ ଚଉଡ଼ା ୪୦ ଫୁଟ ହେବ। ଯାହା ଏଠାକାର ଅନ୍ୟତମ ଆକର୍ଷଣ କହିଲେ ଭୁଲ୍ ହେବନାହିଁ। ସେହିପରି ଏହି ମନ୍ଦିର ପରିସରରେ କୋଟିଲିଙ୍ଗେଶ୍ୱରଙ୍କ ବ୍ୟତୀତ ଅନ୍ୟ ଦେବଦେବୀଙ୍କ ପୂଜା ନିମନ୍ତେ ଆହୁରି ଛୋଟ ଛୋଟ ୧୧ଟି ମନ୍ଦିର ମଧ୍ୟ ରହିଛି।

## ଶ୍ରଦ୍ଧା ଓ ବିଶ୍ୱାସର କଥା

ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି ଯେ, ଏହି ମନ୍ଦିର ପରିସରରେ ଥିବା ଦୁଇଟି ବୃକ୍ଷରେ ହଳଦିଆ ସୂତା ବାନ୍ଧିଲେ ମନୋସ୍କାମନା ପୂରଣ ହୋଇଥାଏ। ବିଶେଷକରି ବାହାଘରକୁ ନେଇ କୌଣସି ସମସ୍ୟା ଉପୁଜୁଥିଲେ ତାହା ସମାଧାନ ହୋଇଯାଏ। ଏପରି କି ମନ୍ଦିର ତରଫରୁ ଅନେକ ସମୟରେ ନିର୍ଦ୍ଧନ ତଥା ଗରିବ ଶ୍ରେଣୀୟ ଝିଅମାନଙ୍କର ସାମୂହିକ ବିବାହର ଆୟୋଜନ ମଧ୍ୟ ହୋଇଥାଏ। ଏଥିପାଇଁ ନାମକୁମାତ୍ର ଶୁଳ୍କ ବିନିମୟରେ ବାହାଘର ପାଇଁ ସମସ୍ତ ଆୟୋଜନ ମନ୍ଦିର ତରଫରୁ କରାଯାଇଥାଏ। ସେହିପରି ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନଙ୍କର ରହିବା ଓ ଖାଇବା ନିମନ୍ତେ ବି ମନ୍ଦିର ତରଫରୁ ଭଲ ବ୍ୟବସ୍ଥା ରହିଛି। ସେଥିପାଇଁ ତ ବର୍ଷସାରା ଏଠାକୁ ଭକ୍ତମାନଙ୍କର ସୁଅ ଛୁଟିଥାଏ। ଖାସ୍ କରି ମହାଶିବରାତ୍ରି ଦିନ ଏଠାକାର ଆକର୍ଷଣ କହିଲେ ନ ସରେ।

## କିଛି ଜାଣିବା କଥା

ମନ୍ଦିର ମଧ୍ୟକୁ ପ୍ରବେଶ ପାଇଁ ଭକ୍ତଙ୍କୁ ଏଣ୍ଟ୍ରି ଟିକେଟ୍ ଏବଂ କ୍ୟାମେରା ପ୍ରବେଶ ପାଇଁ ଅଲଗା ଟିକେଟ କାଟିବାକୁ ହୋଇଥାଏ। ସେହିପରି ମନ୍ଦିରରେ ଶିବଲିଙ୍ଗ ସ୍ଥାପନ ପାଇଁ ମଧ୍ୟ ଭକ୍ତଙ୍କୁ କିଛିଟା ଦକ୍ଷିଣା ଦେବାକୁ ପଡ଼ିଥାଏ।

## କେବେ ଓ କେମିତି ଯିବେ

ଭକ୍ତଗଣଙ୍କ ଦର୍ଶନ ନିମନ୍ତେ ବର୍ଷସାରା ମନ୍ଦିର ସକାଳ ୬ରୁ ରାତି ୯ ଯାଏ ଖୋଲା ରହିଥାଏ। ତେଣୁ ସୁବିଧା ଅନୁସାରେ ଆପଣ ଯେତେବେଳେ ଚାହିଁବେ ସେତେବେଳେ ଏଠାକୁ ଯାଇପାରିବେ। ତେବେ ମହାଶିବରାତ୍ରି ଦିନ ଏଠାରେ ବିଶେଷ ପୂଜାର ଆୟୋଜନ କରାଯାଉଥିବାରୁ ଏହି ସମୟରେ ଏଠାକୁ ଗଲେ ଖୁବ୍ ଆତ୍ମଶାନ୍ତି ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ବାଙ୍ଗାଲୋର ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ନିକଟତମ ବିମାନବନ୍ଦର ହୋଇଥିବାବେଳେ କୋଲାର ତଥା ବଙ୍ଗାରପେଟ୍ ରେଲୱେ ଷ୍ଟେଶନ ହେଉଛି ନିକଟତମ ଦୁଇ ରେଲଷ୍ଟେଶନ। ଉଭୟ ଏୟାରପୋର୍ଟ ତଥା ରେଲଷ୍ଟେଶନରୁ କୋଟିଲିଙ୍ଗେଶ୍ୱର ଯିବା ପାଇଁ ଟ୍ୟାକ୍ସି ତଥା ବସ୍‌ର ସୁବିଧା ରହିଛି।











# ରୋଶନୀଙ୍କ କନ୍ୟାକୁମାରୀରୁ କଶ୍ମୀର ଯାତ୍ରା



କୁହାଯାଉଛି– ମହିଳାମାନେ ଘରୁ ପାଦ ବାହାର କରିବା ବିପଜ୍ଜନକ ହୋଇଗଲାଣି। ହେଲେ ଏ କଥାକୁ ଭୁଲ୍ ବୋଲି ପ୍ରମାଣିତ କରିଛନ୍ତି ବାଙ୍ଗାଲୋରରେ ରହୁଥିବା ୩୦ ବର୍ଷୀୟା ରୋଶନୀ ଶର୍ମା। ସେ କେବଳ ଘରୁ ପାଦ ବାହାର କରିନାହାନ୍ତି, ବରଂ ବାଇକ୍ ଚଳାଇ କନ୍ୟାକୁମାରୀରୁ କଶ୍ମୀର ଯାତ୍ରା କରିଛନ୍ତି। ମାତ୍ର ୧୬ ବର୍ଷ ବୟସରୁ ସେ ବାଇକ୍ ଚଳାଇବା ଶିଖିଥିଲେ। ରୋଶନୀଙ୍କ ପରିବାର ରୁହନ୍ତି ଉତ୍ତର ପ୍ରଦେଶରେ। ଥରେ ତାଙ୍କର ଜଣେ ବନ୍ଧୁ ସଡ଼କ ପଥରେ ଉତ୍ତର ଭାରତରୁ ଦକ୍ଷିଣ ଭାରତ ଯିବାର ଯୋଜନା କଲେ। ରୋଶନୀ ଏହା ଶୁଣିବା ପରେ ନିଜେ ଏଭଳି ଯାତ୍ରା କରିବାକୁ ଭାବିଲେ। ହେଲେ ଏଭଳି ନିଷ୍ପତ୍ତିକୁ ବାସ୍ତବରେ ରୂପାନ୍ତରିତ କରିବା ଥିଲା କଷ୍ଟକର। ତଥାପି ସେ ଘରୁ ଗୋଡ଼ ବାହାର କଲେ। ଆଉ ଦକ୍ଷିଣ ଭାରତର କନ୍ୟାକୁମାରୀରୁ ବାଇକ୍‌ରେ ଯାତ୍ରା ଆରମ୍ଭ କଲେ। ଏହି ଯାତ୍ରା ଏତେଟା ସହଜ ନ ଥିଲା। ଏଥିପାଇଁ ଉପଯୁକ୍ତ ଯୋଜନା ଓ ଦୃଢ଼ସଂକଳ୍ପ ଜରୁରୀ ଥିଲା। ରାସ୍ତା ଓ ପାଣିପାଗର ସମ୍ପୂର୍ଣ୍ଣ ବିବରଣୀ ରଖିବା ଥିଲା ଜରୁରୀ। ପାଣିପାଗର ଠିକ୍ ସୂଚନା ଥିବାରୁ ସେ କୌଣସି ସ୍ଥାନରେ ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ହେଲେ ଅନେକ ଜାଗାରେ ସେ ସ୍ଥାନୀୟ ଲୋକଙ୍କୁ ରାସ୍ତା ପଚାରିଥିଲେ। ଆଉ ତାଙ୍କୁ ସମସ୍ତେ ସହଯୋଗ ବି କରିଥିଲେ। କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇନାହାନ୍ତି। ଶେଷରେ ସେ ଭାରତର ପ୍ରଥମ ମହିଳା ଭାବେ ଏକାକି ବାଇକ୍‌ରେ କଶ୍ମୀରରେ ପହଞ୍ଚି କନ୍ୟାକୁମାରୀରୁ କଶ୍ମୀର ଯାତ୍ରା ଶେଷ କରିଥିଲେ। ଆଉ ପ୍ରମାଣିତ କରିଦେଲେ ଯେ, ମହିଳାମାନଙ୍କ କ୍ଷେତ୍ରରେ ସବୁ ସମ୍ଭବ। ଦୃଢ଼ ମନୋବଳ, ସାହସ, ବୁଦ୍ଧି ସହ ସତର୍କ ଏବଂ ସଙ୍ଗେସଙ୍ଗେ ଚିନ୍ତନ କରିବାର କ୍ଷମତା ଥିଲେ ମହିଳାମାନେ ଯେକୌଣସି ସ୍ଥାନକୁ ଏକୁଟିଆ ଭ୍ରମଣ କରିପାରିବେ।

## କାର୍ଟୁନ କର୍ନର



# 'ଜନ୍ମ କେବଳ ନାଟକ ପାଇଁ'



ଅରୁଣ ନାୟକ

ମନେ ପକାନ୍ତୁ ଏମିତିକା ଦୃଶ୍ୟଟେ : ମଞ୍ଚ ଉପରେ ନାମ ଘୋଷଣା ହୁଏ। ୧୫/୧୬ ବର୍ଷର ପିଲାଟେ ମଞ୍ଚ ଉପରକୁ ଉଠେ। ତାକୁ ଦେଖି ମଞ୍ଚସ୍ଥ ଅତିଥିମାନେ ତଟସ୍ଥ ହୁଅନ୍ତି। ପଚାରନ୍ତି, ତମେ ମାନପତ୍ର ନେବାକୁ ଆସିଛ? ତମ ବାପା କ'ଣ ଆସିନାହାନ୍ତି? ପିଲାଟି ଉତ୍ତର ଦିଏ: ମୋ ବାପାଙ୍କୁ ନୁହେଁ; ମୋତେ ହିଁ ସମ୍ମାନିତ କରିବାକୁ ଡକାଯାଇଛି।

ଏହା କୌଣସି ଗଳ୍ପ କିମ୍ବା ଉପନ୍ୟାସର ଟୁଇଷ୍ଟ ନୁହେଁ; ଓଡ଼ିଶାର ଅନ୍ୟତମ ଲବ୍ଧ ପ୍ରତିଷ୍ଠିତ ନାଟ୍ୟକାର, ଚିତ୍ରନାଟ୍ୟ, ସଂଳାପ ଲେଖକ ତଥା ପତ୍ରିକା ସମ୍ପାଦକ ଅରୁଣ ନାୟକଙ୍କ ଜୀବନରେ ଘଟିଥିବା ଏକ ସତସତିକା ଘଟଣା। ସେଦିନ ସହଜରେ କାହାରି ବିଶ୍ୱାସ ହୋଇ ନ ଥିଲା ଯେ, ଏତେ କମ୍ ବୟସରେ ଜଣେ ହାଇସ୍କୁଲ ପଢୁଆ ପିଲା ଏଭଳି ଉଚ୍ଚକୋଟୀର ନାଟକ ରଚନା କରିପାରେ!

ନାଟକ ଥିଲା 'ବିଜୟମାଳା'। ତମାଖୁ ନିରୋଧୀ ବାର୍ତ୍ତା ବହନ କରୁଥିବା ସେହି ନାଟକଟି ସେତେବେଳକୁ ସମ୍ବଲପୁର ଆକାଶବାଣୀ ଦ୍ୱାରା ବହୁବାର ପ୍ରସାରିତ ହୋଇ ତାଙ୍କୁ ଘରେ ଘରେ ପରିଚିତ କରେଇ ସାରିଥିଲା। ସେଥିପାଇଁ ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ତାଙ୍କୁ ସମ୍ମାନିତ କରିବା ପାଇଁ ଆହ୍ୱାନ କରାଯାଇଥିଲା। ମାତ୍ର କେହି ବି ଭାବି ନ ଥିଲେ ଯେଉଁ ଅରୁଣ ନାୟକଙ୍କୁ ସେମାନେ ସମ୍ମାନିତ କରିବାକୁ ଯାଉଛନ୍ତି ସେ ଜଣେ ହାଇସ୍କୁଲର ଛାତ୍ର।

ଅରୁଣ ନାୟକଙ୍କ ଜନ୍ମ ଯେମିତି ନାଟକ ପାଇଁ। ଢେଙ୍କାନାଳର ଜମୁନାକୋଟ୍‌ରେ ଜନ୍ମିତ ଅରୁଣ ରହୁଥିଲେ ସମ୍ବଲପୁରର ବରଗଡ଼ରେ। ସେହି ବରଗଡ଼ରେ ହିଁ ତାଙ୍କ ନାଟ୍ୟ ଚେତନାର ନବୋନ୍ମେଷ ଘଟିଥିଲା। ଏକ ସାଂସ୍କୃତିକ ପରିବେଶ ଥିଲା ବରଗଡ଼ରେ। ଦୁର୍ଗାପୂଜାରେ ଭିନ୍ନ ଭିନ୍ନ ଯାତ୍ରାପାର୍ଟି ସେଠାକୁ ଆସୁଥିଲେ। ଅରୁଣଙ୍କୁ ବେଶି ପ୍ରଭାବିତ କରିଥିଲେ ତାରାପୁର ଅପେରାର ଦେବୀପ୍ରସାଦ ରଥ। କ୍ରମଶଃ ନାଟକ ଆଡ଼କୁ ଟାଣି ହୋଇ ଆସିଥିଲେ ଅରୁଣ। ଅଷ୍ଟମ ଶ୍ରେଣୀରେ ସେ ଲେଖିଥିଲେ ତାଙ୍କର ଜୀବନର ପ୍ରଥମ ନାଟକ : 'ରକ୍ତର ପ୍ରତିଶୋଧ'। ଅରୁଣ କହନ୍ତି : ରଫ୍ ଖାତାରେ ଲେଖା ଯାଇଥିବା ଏହି ନାଟକଟିର ପାଣ୍ଡୁଲିପି ଅବଶ୍ୟ ଆଜି ମୋ ପାଖରେ ନାହିଁ; ତେବେ ସାଙ୍ଗମାନଙ୍କୁ ନେଇ ନାଟକଟିକୁ ମଞ୍ଚସ୍ଥ କରେଇଥିବାର ସ୍ମୃତିଲିପି ଏବେ ବି ମୋ ମନରେ ସାଇତା ହୋଇ ରହିଛି। ନାଟକଟି ତାଙ୍କୁ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁ (ମନମାଷ୍ଟ୍ରେ)ଙ୍କର ନିକଟତର କରିଦେଇଥିଲା। ସେ ଅରୁଣଙ୍କୁ ନିଜର ସ୍କୁଟର ପଛରେ ବସେଇ ବିଭିନ୍ନ ସାହିତ୍ୟ ଅନୁଷ୍ଠାନକୁ ନେଉଥିଲେ। ପ୍ରତିବର୍ଷ ସ୍କୁଲର ବାର୍ଷିକୋତ୍ସବରେ ମନମାଷ୍ଟ୍ରେ ଗୋଟିଏ ନାଟକ ଲେଖି ତାହାକୁ ପିଲାଙ୍କ ଦ୍ୱାରା ମଞ୍ଚସ୍ଥ କରାନ୍ତି। ସେହିବର୍ଷ ସେ ରଚନା କରିଥିବା 'ବିଶ୍ୱାମିତ୍ର' ନାଟକରେ ଅରୁଣଙ୍କୁ ହରିଶ୍ଚନ୍ଦ୍ର ଭୂମିକାରେ ଅଭିନୟ କରେଇଥିଲେ। ଏସବୁ ଘଟଣା ଅରୁଣଙ୍କୁ ଏତେମାତ୍ରାରେ ପ୍ରଭାବିତ କରିଥିଲା ଯେ, ସେ ଗୋଟିଏ ପରେ ଗୋଟିଏ ପରେ ଗୋଟିଏ ନାଟକ ଲେଖି ଚାଲିଲେ। 'ଜୀବନର ମୃତ୍ୟୁ', 'ନାଟ୍ ଚାଲିଛେ (ସମ୍ବଲପୁରୀ)', 'ସ୍ୱାର୍ଥ', 'ଯା ଦେବୀ ସର୍ବଭୂତେଷୁ', 'ଗଣତନ୍ତ୍ରର ବଜାର', 'ହମ୍‌ରି ଦୁନିଆଁ (ସାଦ୍ରି ଭାଷାରେ)' ଆଦି ତାଙ୍କର ଗୋଟିଏଗୋଟିଏ ଉଲ୍ଲେଖନୀୟ ବେତାର ତଥା ମଞ୍ଚ ନାଟକ। ଅରୁଣଙ୍କ ପ୍ରତିଭା କେବଳ ମଞ୍ଚ କିମ୍ବା ବେତାର ମଧ୍ୟରେ ସୀମିତ ହୋଇ ରହିନାହିଁ। 'ମହାଯଜ୍ଞ (ଚିତ୍ରନାଟ୍ୟ ଓ ସଂଳାପ)', 'ସକାଳ ସୂର୍ଯ୍ୟ', 'ଶ୍ରାବଣୀ', 'କୁହୁଡ଼ି', 'ପ୍ରିୟାମୋର', 'ଇନ୍ଦ୍ରଜାଲ', 'ଟୋପାଏ ସିନ୍ଦୂର' ଭଳି ଦୂରଦର୍ଶନରେ ପ୍ରସାରିତ ମେଗା ଧାରାବାହିକର ସେ ହେଉଛନ୍ତି କାହାଣୀ, ଚିତ୍ରନାଟ୍ୟ ତଥା ସଂଳାପ ଲେଖକ। ବ୍ୟାବସାୟିକ ଯାତ୍ରାନୁଷ୍ଠାନରେ ମଧ୍ୟ ଅରୁଣ ଜଣେ ସଫଳ ନାଟ୍ୟକାର। ତୁଳସୀ ଗଣନାଟ୍ୟର 'ହସୁଛି ଅଳପ କାନ୍ଦୁଛି ବେଶି' ହେଉ କି 'ବାଜିବଲୋ ସାହାନାଇ' ପୁଣି ବାଘାଜତିନ ଲୋକନାଟ୍ୟର 'ମୃତ୍ୟୁଦଣ୍ଡ' ନାଟକ ଅରୁଣଙ୍କୁ ଜଣେ ନିଆରା ନାଟ୍ୟକାର କରିତୋଳିଛି।

– ଏସବୁ ବ୍ୟତୀତ, ଜଣେ ସ୍ତମ୍ଭକାର ତଥା ସମାଜସେବୀ ଭାବରେ ଅରୁଣ ନାୟକଙ୍କର ରହିଛି ଏକ ନିଆରା ପରିଚୟ। କୃଷିର ଉନ୍ନତି, କୃଷକର ଅଧିକାର ତଥା ଟ୍ରାନ୍ସଜେଣ୍ଡର ରାଇଟ୍ ନେଇ ସେ ସଂଗ୍ରାମରତ। ଡକ୍ୟୁମେଣ୍ଟାରୀ ଫିଲ୍ମ 'ସଲାମ ଶାନ୍ତିଲତା' ପାଇଁ ରାଜ୍ୟପାଳ ପୁରସ୍କାର ପାଇଥିବା ଅରୁଣ କହନ୍ତି, 'ମୋର ନିଃଶ୍ୱାସ ନାଟକ। ମୋର ବିଶ୍ୱାସ ନାଟକ। ନିଃଶ୍ୱାସ ଚାଲୁଥିବା ଯାଏ ମୁଁ ନାଟକ ସହିତ ରହିବି। ଆଉ ମୁଁ ଯିବା ପରେ ବି ମୋ ନାଁକୁ କେହି ନାଟକ ଦୁନିଆରୁ ବାଦ ଦେଇ ପାରିବେନି ଏ ବିଶ୍ୱାସ ବି ମୋର ଅଛି।'



# ଝୁନାରୁ ସେକ୍ସି ସୋନୀ

ଝୁନାରାଣୀ ଦାଶ। ସଂକ୍ଷେପରେ ଝୁନା। ଯାତ୍ରା ଇଣ୍ଡଷ୍ଟ୍ରି ତଥା ଯାତ୍ରାପ୍ରେମୀମାନେ ତାଙ୍କୁ କେବଳ ଝୁନା ନାମରେ ହିଁ ଜାଣନ୍ତି। ଏହାବ୍ୟତୀତ ବିଗତବର୍ଷଠାରୁ ତାଙ୍କ ନାମ ସହିତ ଯୋଡ଼ି ହୋଇଯାଇଛି ଆଉ ଗୋଟିଏ ବିଶେଷଣ ସେକ୍ସି ସୋନୀ! ନବଘନ ରାଉଳଙ୍କ ରଚିତ ନାଟକ 'ଗୁପ୍ତ ସମ୍ପର୍କ'ରେ ସେକ୍ସି ସୋନୀ ଭୂମିକାରେ ଅଭିନୟ କରି ଯାତ୍ରା ଦର୍ଶକଙ୍କୁ ବିମୋହିତ କରି ସେ ଏହି ବିଶେଷଣ ହାସଲ କରିଛନ୍ତି। ଝୁନା କହନ୍ତି ଯେ, 'ସେ ପଜିଟିଭ୍ ଭୂମିକା କରିବାକୁ ବେଶି ପସନ୍ଦ କରନ୍ତି। କିନ୍ତୁ ଦର୍ଶକମାନେ ମୋତେ ନେଗେଟିଭ୍ ଭୂମିକାରେ ବେଶି ଗ୍ରହଣ କରିଛନ୍ତି। ସେଥିଲାଗି ମୁଁ ଦର୍ଶକ ଭଗବାନଙ୍କୁ ଖୁସି କରିବା ପାଇଁ ନେଗେଟିଭ୍ ଭୂମିକାରେ ଅବତୀର୍ଣ୍ଣ ହୁଏ।' ଜଲିଉଡ୍‌ର ସେକ୍ସି ସୋନୀ (ଝୁନା)ଙ୍କ ଜନ୍ମ ଭଦ୍ରକର ବନ୍ତଠାରେ। ପିଲାଟି ବେଳୁ ଅଭିନୟ ପ୍ରତି ଦୁର୍ବଳତା ଥିଲା। ସେ ସ୍କୁଲ୍‌ରେ ଏକକ ଅଭିନୟ କରୁଥିଲେ। ଏମିତିକି ଏକକ ଅଭିନୟ କରି ସେ ବହୁ ଆୱାର୍ଡ଼ ହାସଲ କରିଛନ୍ତି। ଅଭିନୟର ମୋହ ତାଙ୍କୁ ଟାଣିଆଣେ ଯାତ୍ରାଜଗତକୁ। ୨୦୦୨ରେ ଜଣେ ଡ୍ୟାନ୍ସର ଭାବରେ ସେ ଆସି ଯୋଗଦିଅନ୍ତି 'ଓଡ଼ିଶା ଅପେରା'ରେ। ଚନ୍ଦ୍ରଭାଗା ଗଣନାଟ୍ୟରେ ତାଙ୍କୁ ପ୍ରଥମକରି ମିଳେ ଅଭିନୟ କରିବାର ସୁଯୋଗ। ଜଣେ ଅନୁପସ୍ଥିତ ଅଭିନେତ୍ରୀଙ୍କ ପାଇଁ ସେ ପ୍ରକ୍ସି କରନ୍ତି। ତେବେ ସେ ତ୍ରିନାଥ ଗଣନାଟ୍ୟରେ ଅଭିନେତ୍ରୀ ଭାବେ ବିଧିବଦ୍ଧ ଭାବରେ ଚୁକ୍ତିବଦ୍ଧ ହୁଅନ୍ତି। 'ଭାନୁମତିର ପେଡ଼ି', 'ବିସ୍ଫୋରଣ-୨୦୧୨', 'ଭଙ୍ଗା ସିଲଟରେ ଜୀବନ ଅଙ୍କ', 'କଳାପାହାଡ଼' ଆଦି ନାଟକରେ ଅଭିନୟ କରି ସେ ତାଙ୍କ ଭିତରର କଳା ପ୍ରତିଭାର ପରିଚୟ ଦିଅନ୍ତି। ଝୁନା ଇତିମଧ୍ୟରେ ପଞ୍ଚସଖା, ବାଘାଯତୀନ, ବିଶ୍ୱ ଦରବାର ଆଦି ଗଣନାଟ୍ୟରେ ସଫଳତାର ସହିତ ଅଭିନୟ ଶେଷକରି ସମ୍ପ୍ରତି ଗୌରୀ ଗଣନାଟ୍ୟରେ ତାଙ୍କ ଅଭିନୟ ଜାରି ରଖିଛନ୍ତି। ତାଙ୍କ ଦ୍ୱାରା ଅଭିନୀତ ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି ଚାନ୍ଦ ହଜିଗଲା ଚନ୍ଦ୍ରଭାଗାରେ, ସୁନ୍ଦରୀ ଯାଇଛି ସୁନ୍ଦରଗଡ଼, ମମତାମୟୀ ମା', ଚାରିଛକରେ ତିନିଝିଅ, ଭଙ୍ଗା ସିଲଟରେ ଜୀବନ ଅଙ୍କ, ବିସ୍ଫୋରଣ-୨୦୧୨, ଗୁପ୍ତ ସମ୍ପର୍କ, ସୋନାଗାଛି ଝିଅ ସୋନାଲୀ, ଷ୍ଟାଫନର୍ସ, ଭାରତରେ ପୁଣି ମହାଭାରତ ଏବଂ ଆହୁରି ଅନେକ। ଚଳିତବର୍ଷ ଗୌରୀ ଗଣନାଟ୍ୟରେ ତାଙ୍କର ନାଟକଗୁଡ଼ିକ ମଧ୍ୟରେ ଗଉରୀ ନାନୀର ନୂଆ ଠିକଣା, ବାଘ ବୁଲୁଛି ରାଜଧାନୀରେ, ବ୍ରହ୍ମଅସ୍ତ୍ର, ବେଳେ ବେଳେ ଭୁଲ ହେଇଯାଏ, ଏତେ ସରି ତତେ କିଏ କଲା। ଉଭୟ ନେଗେଟିଭ୍ ଏବଂ ପଜିଟିଭ୍ ଭୂମିକାରେ ନିଖୁଣ ଅଭିନୟ କରିପାରୁଥିବା ଝୁନା ଆସନ୍ତାବର୍ଷ ଏକ ପ୍ରତିଷ୍ଠିତ ଯାତ୍ରା ଅନୁଷ୍ଠାନକୁ ଯାଇପାରନ୍ତି ବୋଲି ସୂଚନା ଦେଇଛନ୍ତି।

# ଘରେ ଆଉ ମନ ଲାଗୁନି

ଘର ହେଉଛି ପ୍ରତ୍ୟେକଙ୍କ ପାଇଁ ଏକ ନିର୍ଭୟ ଆଶ୍ରୟସ୍ଥଳ। ହେଲେ ଯଦି କେହି କହେ ଯେ, ଘରେ ଆଉ ମନ ଲାଗୁନି ତା'ହେଲେ ନିଶ୍ଚିତ ଭାବରେ ଅଡୁଆ ଲାଗିବ। ମାତ୍ର ଏହା ହିଁ ସତ। ପଲ୍ ନାମକ ଜଣେ ବ୍ୟକ୍ତିଙ୍କର ଘରେ ମନ ଲାଗୁନାହିଁ। ସେ ଆଉ ଘରେ ରହିବାକୁ ପସନ୍ଦ କରୁନାହାନ୍ତି। ଘରକୁ ଆସୁଛନ୍ତି ସତ। ହେଲେ ସଙ୍ଗେ ସଙ୍ଗେ ପଳେଇ ଯାଉଛନ୍ତି। କଥାଟା ହେଉଛି ଏଇଆ ଯେ, ପଲ୍ ହେଉଛନ୍ତି ଜଣେ ସ୍ଥପତି। ତାଙ୍କର କାମ ଘର ତିଆରି କରିବା। ସେ ବିଭିନ୍ନ ସ୍ଥାନରେ ଘରର ନକ୍ସା ପ୍ରସ୍ତୁତ କରନ୍ତି। ତେଣୁ ତାଙ୍କୁ ନିଜ ଘରେ କମ୍; ଅଧିକ ସମୟ ଅନ୍ୟମାନଙ୍କ ଘରେ ରହିବାକୁ ହୋଇଥାଏ। ଆଉ ଏହା ତାଙ୍କର ଅଭ୍ୟାସରେ ପଡ଼ିଯାଇଛି।







# ଶଙ୍ଖଦ୍ୱୀପ

ଏହା ଏକ ଦ୍ୱୀପ, ହେଲେ ଏଠାରେ ନାହିଁ ବାଲିର ଚାଦର। ବରଂ ତିଆରି ହୋଇଛି ଆବଡ଼ା ଖାବଡ଼ା ଶଙ୍ଖରେ। ଏଠାରେ ପାଦ ରଖିବା ବି ଭାରି କଷ୍ଟକର। ତଥାପି ପର୍ଯ୍ୟଟକଙ୍କର ଏହା ପ୍ରିୟ ସ୍ଥାନ ପାଲଟିଛି। ତେବେ ଏହି ଦ୍ୱୀପ ପ୍ରକୃତିଦତ୍ତ ନୁହେଁ, ବରଂ ମନୁଷ୍ୟକୃତ। ଏହା ଆମେରିକାର କାରିବିୟାନ୍‌ରେ ଥିବା ବ୍ରିଟିଶ୍ ଭର୍ଜିନ ଦ୍ୱୀପପୁଞ୍ଜ ମଧ୍ୟରେ ଅନ୍ୟତମ। ଉକ୍ତ ଦ୍ୱୀପପୁଞ୍ଜର ଦ୍ୱିତୀୟ ବଡ଼ ଦ୍ୱୀପ ଆନେଗାଡ଼ାର ପୂର୍ବରେ ଅଛି ଏହି ଶଙ୍ଖଦ୍ୱୀପ। ଏହି ଦ୍ୱୀପ ସୃଷ୍ଟି ପଛରେ ରହିଛି ଏକ ରୋଚକ କଥା। ହଜାର ହଜାର ବର୍ଷ ଧରି ସ୍ଥାନୀୟ ମତ୍ସ୍ୟଜୀବୀମାନେ ଏଠାକାର ଜଳ ମଧ୍ୟରେ ଗେଣ୍ଡା, ଶାମୁକା ଓ ଶଙ୍ଖ ସନ୍ଧାନ କରିଆସୁଛନ୍ତି। ଆଉ ସେଗୁଡ଼ିକୁ ଆଣିବା ପରେ ତାକୁ କଣା କରି ତା'ର ମାଂସ ବାହାର କରି ଖୋଳ ସେଇଠି ପକାଇ ଦିଅନ୍ତି। ଦୀର୍ଘ ବର୍ଷ ଧରି ଏହା ଚାଲିବା ଫଳରେ ଉକ୍ତ ଦ୍ୱୀପର ସୃଷ୍ଟି ହୋଇଛି। କହିବାକୁଗଲେ ଏହା ହେଉଛି ଶଙ୍ଖର ଏକ ସମାଧିସ୍ଥଳ।



ବ୍ୟାକ୍ ପେଜ୍

# ଭାବର ଆଦାନ ପ୍ରଦାନ କରିବେ ରୋବୋ

ବେଳେବେଳେ ମନ ଜଣଙ୍କ ପ୍ରେମରେ ପାଗଳ ହୋଇଯାଏ। ହେଲେ ମନର ଭାବକୁ ପରିପ୍ରକାଶ ନ କରିପାରିବା ଯୋଗୁ ସମ୍ପର୍କ ଆଗକୁ ବଢ଼ିପାରେନା। ଏମିତି ଦୁଇପଟୁ ଭଲ ପାଇବା ଥିଲେ ବି କଥା ଆଗକୁ ବଢ଼ିପାରେନା। ଏହି ସମସ୍ୟାକୁ ଏବେ ଦୂରେଇବ ଏକ ରୋବୋ। ହଁ, ନିକଟରେ ଜାପାନର ଟୋକିଓରେ ସିଆଇପି ଆସୋସିଏଶନ୍ ତରଫରୁ ଆୟୋଜନ ହୋଇଥିଲା ଏକ ଅଜବ ଇଭେଣ୍ଟ। ଏଥିରେ ଅନେକ ଯୁବତୀ ଯୁବକ ମୁହାଁମୁହିଁ ହୋଇ ବସି ରହିଥିଲେ। ହେଲେ ପରସ୍ପର ସହ କଥା ନ ହୋଇ ଚୁପ୍ ହୋଇ ବସିଥିଲେ। ଆଉ ଚାହିଁ ରହିଥିଲେ ସେମାନଙ୍କ ସାମ୍ନା ଟେବୁଲରେ ଥିବା ଦୁଇଟି ରୋବୋକୁ। ଯାହାକି କଥା କହୁଥିଲେ। ଗୋଟିଏ ରୋବୋ ଝିଅର ମନ କଥା କହୁଥିବାବେଳେ ଅନ୍ୟ ରୋବୋ କହୁଥିଲା ପୁଅର ମନକଥା। ଏମିତିକି ରୋବୋ ଦୁଇଟି ଉଭୟଙ୍କୁ ପ୍ରଶ୍ନ ପଚାରୁଥିଲେ ଓ ତା'ର ଉତ୍ତର ବି ଦେଉଥିଲେ। ରୋବୋ ମଧ୍ୟରେ ପୂର୍ବରୁ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ୪୫ଟି ପ୍ରଶ୍ନ ଲୋଡ କରାଯାଇଥିଲା। ଏହିଭଳି ୩ ମିନିଟର ବାର୍ତ୍ତାଳାପ ହୋଇଥିଲା। ଆଉ ଏଥିରେ ଯୋଗ ଦେଇଥିବା ୨୮ ଜଣ ଯୁବତୀ ଯୁବକ ବେଶ୍ ଖୁସି ଥିଲେ। ସେମାନଙ୍କ ମନ ଭିତରେ ଥିବା ସବୁ ପ୍ରଶ୍ନର ଉତ୍ତର ରୋବୋ ମାଧ୍ୟମରେ ପାଇପାରିଥିଲେ। ଫଳରେ କିଛି ଅଛପା ରହୁ ନ ଥିଲା। ଆଉ ଉଭୟଙ୍କ ମଧ୍ୟରେ ଥିବା ସମାନତା ବି ସେମାନେ ଜାଣିପାରୁଥିଲେ।



